

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୪ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 04 MARCH 2025

Vol.No. 36 ■ No.60 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net

ନବଦମ୍ପତିଙ୍କୁ ଶୀଘ୍ର ସନ୍ତାନ ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ତାମିଲନାଡୁ, ୦୩/୩ (ନି.ପ୍ର): ଆଗାମୀ ଦୁଇରୁ ୩ବର୍ଷ ମଧ୍ୟରେ ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ ପୁର୍ନଗଠନ ହୋଇପାରେ । ଅର୍ଥାତ ଜନସଂଖ୍ୟା ଆଧାରରେ ବଢ଼ିବ ଆସନ ।ଏହା ଭିତରେ ଜନସଂଖ୍ୟା କିଭଳି ଶୀଘ୍ର ବଢ଼ିବ ଓ ଅଧିକ ବଢ଼ିବ ଏନେଇ ଦକ୍ଷିଣଭାରତ ରାଜ୍ୟଗୁଡିକଙ୍କ ପାଇଁ ଏକ ଚ୍ୟାଲେଞ୍ଜ । ଏହା ଭିତରେ ଚର୍ଚ୍ଚା ସାଉଁଟିଛି ତାମିଲନାଡୁ ମୁଖ୍ୟମନ୍ତ୍ରୀ ବୟାନ । ଯେତେ ପାଖଉଛି ନିର୍ବାଚନମଣ୍ଡଳୀ ପୁର୍ନଗଠନ ପାଇଁ ସମୟ ପାଖେଇ ସେତିକି ବଢୁଛି ଦକ୍ଷିଣଭାରତ ରାଜ୍ୟମାନଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ । ଏହା କହିବାର ତାତ୍ପର୍ଯ୍ୟ ହେଉଛି ଆଗାମୀ ଦିନରେ ପୁର୍ନଗଠନ ହେବ ନିର୍ବଚନମଣ୍ଡଳୀ ଓ ଜନସଂଖ୍ୟା ଆଧାରରେ ସ୍ଥିର ହେବ ଲୋକସଭା ଆସନ । ଅର୍ଥାତ ଯେଉଁ ରାଜ୍ୟରେ ଯେତିକି ଜନସଂଖ୍ୟା ସେତିକି ଅନୁପାତରେ ଲୋକସଭା ଆସନ ବଢ଼ିବ । ଏହାକୁ ଦୃଷ୍ଟିରେ ରଖି ତାମିଲନାଡୁ ସରକାର ଏଣିକି ରାଜ୍ୟବାସୀଙ୍କୁ ଓ ନବ ଦମ୍ପତିକୁ ଅଧିକରୁ ଅଧିକ ସନ୍ତାନ ଏବଂ ଶୀଘ୍ର ସନ୍ତାନ ଜନ୍ମ ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି । ଷ୍ଟାଲିନ କହିଛନ୍ତି ଷ୍ଟାଲିନଙ୍କ ବୟାନକୁ ନେଇ ବିଜେପି ଆପତି ଉଠାଇଛି । କୌଣସି ପରିସ୍ଥିତିରେ ତାମିଲନାଡୁ ଲୋକସଭା ଆସନ ସଂଖ୍ୟା କମିବ ନାହିଁ ବୋଲି ବିଜେପି ଦୃଢୋକ୍ତି

ପ୍ରକାଶ କରିଛି । ମାତ୍ର ଉତରଭାରତୀୟ ରାଜ୍ୟଗୁଡିକରେ ଲୋକସଭା ଆସନ ସଂଖ୍ୟା ବଢ଼ିବା ନେଇ କୌଣସି ପ୍ରତିକ୍ରିୟା ଦେଇନି ବିଜେପି । ତେବେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିରେ ନିର୍ବାଚନ ପୁର୍ନଗଠନ ପ୍ରକ୍ରିୟା ଏବେ ରାଜନୈତିକ ପ୍ରସଙ୍ଗରେ ପରିଣତ ହେଲାଣି ।

ସୀମାରେ ଅନୁପ୍ରବେଶ ନେଇ ପଶ୍ଚିମବଙ୍ଗ ସରକାରଙ୍କୁ କଡା ଚେତାବନୀ ଦେଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୩/୩ (ନି.ପ୍ର): ବାଲେଶ୍ୱର ଉଦୟପୁର ଏବଂ ସହାବାଜିପୁରରେ ପଶ୍ଚିମବଙ୍ଗ ସରକାରର ରାଜସ୍ୱ ମନ୍ତ୍ରୀଙ୍କ ଅନୁପ୍ରବେଶ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାର ସୀମାକୁ ନେଇ ଛତିଶଗଡ଼, ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗ ସହିତ ବିବାଦ ରହିଛି । ଏନେଇ ମୁଁ ଜିଲ୍ଲା ଗସ୍ତ କରି ଅଧିକାରୀଙ୍କ ସହ ଆଲୋଚନା କରିଛି । ଛତିଶଗଡ଼ ଏବଂ ଝାଡଖଣ୍ଡ ସହ ବିଶେଷ ସମସ୍ୟା ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର କଥା ଓଡିଶା ଗଠନରୁ ଆଜି ଯାଏଁ ବାଲେଶ୍ୱରରେ ସୀମା ଚିହ୍ନଟ ହୋଇନାହିଁ । ପଶ୍ଚିମବଙ୍ଗ ସରକାରଙ୍କୁ ନାଲି ଆଖି ଦେଖାଇଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସୀମାରେ ଅନୁପ୍ରବେଶ ନେଇ ପଶ୍ଚିମବଙ୍ଗ ସରକାରଙ୍କୁ କଡା ଚେତାବନୀ ଦେଲେ ମନ୍ତ୍ରୀ । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି

'ପଶ୍ଚିମବଙ୍ଗ ଏକ ଅସଭ୍ୟ ସରକାର । ଆବଶ୍ୟକ ପଡିଲେ ଓଡିଶା ପଶ୍ଚିମବଙ୍ଗକୁ ପାଠ ପଢାଇ ରାସ୍ତା ଦେଖାଇବ । ବାଲେଶ୍ୱର ଉଦୟପୁର ଏବଂ ସହାବାଜିପୁରରେ ପଶ୍ଚିମବଙ୍ଗ ସରକାରର ରାଜସ୍ୱ ମନ୍ତ୍ରୀଙ୍କ ଅନୁପ୍ରବେଶ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାର ସୀମାକୁ ନେଇ ଛତିଶଗଡ଼, ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗ ସହିତ ବିବାଦ ରହିଛି । ଏନେଇ ମୁଁ ଜିଲ୍ଲା ଗସ୍ତ କରି ଅଧିକାରୀଙ୍କ ସହ ଆଲୋଚନ କରିଛି । ଛତିଶଗଡ଼ ଏବଂ ଝାଡଖଣ୍ଡ ସହ ବିଶେଷ ସମସ୍ୟା ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର କଥା ଓଡିଶା ଗଠନରୁ ଆଜି ଯାଏଁ ବାଲେଶ୍ୱରରେ ସୀମା ଚିହ୍ନଟ ହୋଇନାହିଁ । ରାଜସ୍ୱ ବିଭାଗ ପଶ୍ଚିମବଙ୍ଗ ସରକାରଙ୍କ ସହ ଯୋଗାଯୋଗରେ ଅଛି । ଅନେକ ଓଡ଼ିଆ ଅଧିକାରୀ ମଧ୍ୟ ପଶ୍ଚିମବଙ୍ଗ ସରକାରଙ୍କ ରାଜସ୍ୱ ବିଭାଗରେ କାର୍ଯ୍ୟ କରୁଛନ୍ତି ।

▶▶ପୃଷ୍ଠା ୭

କୌଶିକ ପଟ୍ଟନାୟକ ହେଲେ ମୁଖ୍ୟମନ୍ତ୍ରୀଙ୍କ ଓଏସଡି

କେନ୍ଦୁଝର, ୦୩/୩ (ନି.ପ୍ର): କେନ୍ଦୁଝର ବାଂଶପାଳ ତହସିଲଦାର ଭାବେ କାର୍ଯ୍ୟ କରୁଥିବା କୌଶିକ ପଟ୍ଟନାୟକ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୂଆ ଓଏସଡି । ଆଜି ୧୮ ଜଣ ଓଏଏସ ଅଫିସରଙ୍କ ବଦଳି ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । କୌଶିକଙ୍କର ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଡଏଡ଼ ନିଯୁକ୍ତି ନେଇ ପ୍ରକାଶ ପାଇଛି ବିଜ୍ଞପ୍ତି । କେନ୍ଦୁଝର ବାଂଶପାଳ ତହସିଲଦାର ଭାବେ କାର୍ଯ୍ୟ କରୁଥିବା କୌଶିକ ପଟ୍ଟନାୟକ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୂଆ ଓଏସଡି । ଆଜି ୧୮ ଜଣ ଡଇଝ ଅଫିସରଙ୍କ ବଦଳି ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । କୌଶିକଙ୍କର ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି । ବଦଳି ହୋଇଥିବା ଅଫିସରମାନଙ୍କୁ ବିଭିନ୍ନ ସ୍ଥାନରେ ତହସିଲଦାର, ବିଡିଓ ଓ ଡେପୁଟି କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆଗରୁ କେନ୍ଦୁଝର ଜିଲ୍ଲାର ଅନେକ ଅଫିସରଙ୍କୁ ବଦଳି କରାଯାଇଥିଲା । ଏବେ କୌଶିକଙ୍କୁ ନୂତନ ନିଯୁକ୍ତି ମିଳିଛି । ପୂର୍ବରୁ କେନ୍ଦୁଝର ଏଡିଏମ ଥିବା ଆଲୋକ ପ୍ରଧାନଙ୍କୁ ବଦଳି କରାଯାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି କେନ୍ଦୁଝର ଉପଜିଲ୍ଲାପାଳ ଥିବା ତ୍ରିଲୋଚନ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲ୍ଲା ହେଉଛି କେନ୍ଦୁଝର ।

ଇଓଡବ୍ଲ୍ୟୁ ପଞ୍ଜାରେ ବିଜେଡି ନେତା ରାଜା ଚକ୍ର

ଭୁବନେଶ୍ୱର, ୦୩/୩ (ନି.ପ୍ର): ଇଓଡବ୍ଲୁ ପଞ୍ଜାରେ ବିଜେଡି ନେତା ରାଜା ଚକ୍ର । ଖୋଲୁଛି ବିଜେଡିର ଖଣି ଖାଦାନରେ ଟଙ୍କା ଖୋଳା ରହସ୍ୟ । ବର୍ଷ ବର୍ଷ ଧରି କେନ୍ଦୁଝର ମାଇନ୍ସରେ କୋଟି କୋଟି ଟଙ୍କା ଆତ୍ମସାତ୍ ନେଇ ମିଳିଛି ପ୍ରମାଣ । ପୂର୍ବରୁ ଏହି ମାମଲାରେ ୨ଜଣଙ୍କୁ ବାନ୍ଧି ଜେଲ ପଠାଇଥିଲା ଇଓଡବ୍ଲୁ । ଅପରପକ୍ଷେ ଘଟଣାରେ ଗିରଫଦାରୀ ଏଡ଼ାଇବା ପାଇଁ ହାଇକୋର୍ଟରୁ ଆଗୁଆ ଜାମିନ ନେଇଛନ୍ତି ରାଜା ଚକ୍ର । ବିଜେଡି ସରକାରରେ କେମିତି ଚାଲିଥିଲା ଖଣି ଖାଦାନ ଲୁଟ୍ ? କେମିତି ହେଉଥିଲା କୋଟି କୋଟି ଟଙ୍କା ସରକାରୀ ଅର୍ଥ ହଡ଼ପ ? ସାମ୍ନାକୁ ଆସିଲା ଏହାର ଜ୍ୱଳନ୍ତ ଉଦାହରଣ । କେନ୍ଦୁଝର ଜିଲ୍ଲା ଶୁଆକାଟି ସ୍ଥିତ ଡଗଉ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟ କୋଅପରେଟିଭ୍ ସୋସାଇଟି ଲିମିଟେଡ୍ ରେ ୫୦କୋଟି ଟଙ୍କା ଅର୍ଥ ହେରଫେର ନେଇ ତଦନ୍ତ ଘେରକୁ ଆସିଛନ୍ତି ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଚକ୍ର । ବର୍ଷ ବର୍ଷ ଧରି ଏଇ ସୋସାଇଟିରେ ଅର୍ଥ ହେରଫେର ସହ ଜାଲ କାଗଜପତ୍ର ଦେଇ ସରକାରଙ୍କୁ ଭୂଆଁ ବୁଲାଯାଉଥିବା ଅଭିଯୋଗରେ

ଇଓଡବ୍ଲୁ ସ୍କାନରରେ ରାଜା । ଆଜି ଦିନ ୧୧ଟାରୁ ହୋଇଛି ଝାଳବୁହା ଜେରା । ମାମଲାରେ ସୋସାଇଟିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାସଙ୍କୁ ଗତ ୯ ତାରିଖରେ ଗିରଫ କରିଥିଲା ଇଓଡବ୍ଲୁ । ପରେ ରିମାଣ୍ଡରେ ଆଣି ଉଭୟଙ୍କୁ ପଚରାଉଚୁରାରୁ ମିଳିଥିଲା ଅନେକ ଚାଞ୍ଚଲ୍ୟକର ତଥ୍ୟ । ଆଉ ତାରି ଆଧାରରେ ଇଓଡବ୍ଲୁ ରାଜାଙ୍କୁ ଜେରା କରିଛି ।

▶▶ପୃଷ୍ଠା ୭

ଦେବାଶିଷଙ୍କୁ ଭକ୍ତ ଦାସଙ୍କ ଛାଟ

ଭୁବନେଶ୍ୱର, ୦୩/୩ (ନି.ପ୍ର): ପାର୍ଟି ସବୁବେଳେ ବଡ଼ । ଦଳର ଆଭିମୁଖ୍ୟ ସବୁଠାରୁ ଆଗରେ । ତା ପରେ ବ୍ୟକ୍ତିଗତ ସଂପର୍କ ଓ ଫାଇଦା । ଆଜି ଏହି ଲାଇନରେ ନିଜର କଡ଼ା ମନ୍ତବ୍ୟ ଦେଇ, ନିଜ ଦଳର ନେତାଙ୍କୁ କଡ଼ା ଇଙ୍ଗିତ ଦେଇଛନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନୂଆ ସଭାପତି ଭକ୍ତ ଚରଣ ଦାସ । ସେ କହିଛନ୍ତି, କୌଣସି ଜାଗାରେ କିଛି କହିବା ଆଗରୁ ପ୍ରଥମେ ବୁଝିନିଅ ସେହି ନିର୍ଦ୍ଦିଷ୍ଟ ଘଟଣାରେ ଦଳର ଆଭିମୁଖ୍ୟ କ'ଣ । କାରଣ ଦଳର ନେତା ଯାହା କହିବେ, ତାହା ଦଳ ଆଭିମୁଖ୍ୟ ବୋଲି ଧରିନିଆ ଯିବ । ସେଥିପାଇଁ କୌଣସି ଜାଗାରେ ବ୍ୟକ୍ତିଗତ ସଂପର୍କ ପାଇଁ ଦଳୀୟ ଆଦର୍ଶକୁ ବଳି ଦିଅନି ବୋଲି ଭକ୍ତ କହିଛନ୍ତି । କିଟ୍ ପ୍ରସଙ୍ଗରେ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଛାଟ । ଦେବାଶିଷଙ୍କୁ ତାଗିଦ କରିଥିବା କହିଲେ ପିସିସି ସଭାପତି ଭକ୍ତ ଦାସ । ବ୍ୟକ୍ତିଗତ ସମ୍ପର୍କ ଥାଇପାରେ, ମାତ୍ର ପ୍ରଶଂସା କରିପାରିବେନି । ପାର୍ଟି ଲାଇନରୁ ବାହାରି ଗଣମାଧ୍ୟମରେ କେହି କହିପାରିବେନି ।

ଗାଜାର ବିଭିନ୍ନ ସ୍ଥାନରେ ଆଇଡିଏଫର ପୁଣି ଜୋରଦାର ଆକ୍ରମଣ

ନୂଆଦିଲ୍ଲୀ, ୦୩/୩ : ଆମେରିକା କଥା ଶୁଣିଲାନି ଇସ୍ରାଏଲ କହିଥିଲା ରମଜାନରେ ଗାଜାରେ ଉପରେ ଆକ୍ରମଣ କରିବ ନାହିଁ । ରମଜାନ ସମୟରେ ଗାଜାରେ ଅସ୍ତ୍ରବିରତି ପାଇଁ ଆମେରିକାର ପ୍ରସ୍ତାବକୁ ଇସ୍ରାଏଲ ପ୍ରଥମେ ମାନିଥିଲା । ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଏନେଇ ସୂଚନା ମଧ୍ୟ ଦେଇଥିଲା ଇସ୍ରାଏଲ ପିଏମଓ ପକ୍ଷରୁ କୁହାଯାଇଛି, ହାମାସ ସହ ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତି ଶେଷ ହୋଇଥିବାରୁ ଗାଜାରେ ଅସ୍ତ୍ରବିରତିକୁ ସାମୟିକ ଭାବେ ବଢ଼ାଇବା ପାଇଁ ଆମେରିକାର ପ୍ରସ୍ତାବକୁ ଇସ୍ରାଏଲ

ଅନୁମୋଦନ କରିଛି । ୪୨ ଦିନଧରି ଚାଲିଥିବା ଏହି ଅସ୍ତ୍ରବିରତିର ପ୍ରଥମ ପର୍ଯ୍ୟାୟ ଶେଷ ହେବାକୁ ଯାଉଥିବା ବେଳେ ଇସ୍ରାଏଲ ମୁସଲିମଙ୍କ ରମଜାନ ମାସ ଏବଂ ଇହୁଦୀ ପର୍ବ ପାସଓଭରକୁ ଅନ୍ତର୍ଭୁକ୍ତ କରିବା ପାଇଁ ଆମେରିକାର ମଧ୍ୟପ୍ରାଚ୍ୟ ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟକଫଙ୍କ ପ୍ରସ୍ତାବକୁ ଗ୍ରହଣ କରିଛି । ହେଲେ ଇସ୍ରାଏଲ ଗାଜା ଉପରେ ଆକ୍ରବମଣ ଜାରୀ ରଖିଛି , ରମାଜାନ ମାସରେ ମଧ୍ୟ ଗାଜା ଉପରେ ବଡ ଧରଣର ଆକ୍ରମଣ କରୁଛି ଇସ୍ରାଏଲ । ତେବେ ହାମାସ ବାରମ୍ବାର ପ୍ରଥମ ପର୍ଯ୍ୟାୟ ଅବଧି ବୃଦ୍ଧିକୁ ପ୍ରତ୍ୟାଖ୍ୟାନ କରିବା ସହ ଅସ୍ତ୍ରବିରତିର ଦ୍ୱିତୀୟ ପର୍ଯ୍ୟାୟକୁ ଯିବାକୁ ଜିଦ୍ ଧରିଛି । ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ସମସ୍ତ ବନ୍ଦୀଙ୍କୁ ମୁକ୍ତ କରିବା ସହ ଗାଜାରେ ଯୁଦ୍ଧର ସ୍ଥାୟୀ ଅନ୍ତ ଘଟିବ । ଅନ୍ୟପକ୍ଷରେ ଗାଜାରେ ଆକ୍ରମଣ ଖବର ମିଳିବା ପରେ ଇସ୍ରାଏଲ ଗାଜାକୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରବେଶ ଉପରେ ରୋକ ଲଗାଇଛି ।

ବିଦେଶିନୀଙ୍କ ଜଙ୍ଘରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାଟୁ ଘଟଣାରେ ଦୁଇଜଣଙ୍କୁ ଗିରଫକଲା ପୁଲିସ୍

ଭୁବନେଶ୍ୱର, ୦୩/୩ (ନି.ପ୍ର): ବିଦେଶିନୀଙ୍କ ଜଂଘରେ ମହାପ୍ରଭୁ ଜଗନ୍ନାଥଙ୍କ ଟାଟୁ ମାମଲାରେ ଦୁଇ ଜଣଙ୍କୁ ଗିରଫ କଲା କମିଶନରେଟ୍ ପୋଲିସ । ବିଦେଶିନୀଙ୍କ ଜଂଘରେ ମହାପ୍ରଭୁ ଜଗନ୍ନାଥଙ୍କ ଟାଟୁକୁ ନେଇ ଅସନ୍ତୋଷ ଦେଖାଦେଇଥିଲା । ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଚିତ୍ରକୁ ଶରୀରର ଏଭଳି ସ୍ଥାନରେ ଟାଟୁ କରିବାକୁ ନେଇ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା । ଏନେଇ ହିନ୍ଦୁ ସେନା ଗତକାଲି ସହିଦ ନଗର ଥାନାରେ ଲିଖିତ ଅଭିଯୋଗ କରିଥିଲା । ସୂଚନା ମୁତାବକ, ଭୁବନେଶ୍ୱରର ଏକ ଟାଟୁ ସେଣ୍ଟରରେ ଏଭଳି ଟାଟୁ କରାଇଥିଲେ ଜଣେ ବିଦେଶୀ ମହିଳା । ନିଜ ସୋସାଲ ମିଡିଆ ଆକାଉଣ୍ଟରେ ମହିଳା ଜଣକ ଏହାକୁ ଅପଲୋଡ୍ କରିବା ପରେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା । ତେବେ ଏହାପରେ ସହିଦ ନଗରର ସମ୍ପୃକ୍ତ ଟାଟୁ ଦୋକାନ ମାଲିକ ଓ ଟାଟୁ ଆଙ୍କିଥିବା ବ୍ୟକ୍ତିଙ୍କୁ କମିଶନରେଟ୍ ପୋଲିସ ଗିରଫ କରିଛି । ଧର୍ମୀୟ ଭାବନା କୁଠାରଘାତ ଅଭିଯୋଗରେ ଉଭୟଙ୍କୁ ଗିରଫ କରାଯାଇଥିବା ନେଇ ସୂଚନା ମିଳିଛି । ଅନ୍ୟପଟେ ଟାଟୁ ଦୋକାନ ମାଲିକ ଓ ବିଦେଶିନୀ ଏହି ଘଟଣାରେ କ୍ଷମା ମାଗିଛନ୍ତି । ଘଟଣାକୁ ନେଇ ହିନ୍ଦୁ ସେନାର କର୍ମକର୍ତ୍ତା କହିଛନ୍ତି, ଜଣେ ବିଦେଶିନୀ ଜଂଘରେ ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଙ୍କ ଚିତ୍ର କରିଛନ୍ତି । ଏହାକୁ ଆମେ ବିରୋଧ କରୁଛୁ । ଏନେଇ ଥାନାରେ ଅଭିଯୋଗ ମଧ୍ୟ କରାଯାଇଛି ।

ମାର୍ଚ୍ଚ ୫ ନୁହେଁ ଏଣିକି ଏପ୍ରିଲ୍ ୨୪ରେ ପାଳନ ହେବ ପଞ୍ଚାୟତିରାଜ ଦିବସ

ଭୁବନେଶ୍ୱର, ୦୩/୩ (ନି.ପ୍ର): ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ପାଳନ ତାରିଖରେ ପରିବର୍ତ୍ତନ କରିଛନ୍ତି । ଏଣିକି ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ୍ ୨୪ରେ ପଞ୍ଚାୟତରାଜ ଦିବସ ପାଳନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ସରକାରୀ ବୟାନରେ କୁହାଯାଇଛି ଯେ ୨୦୨୦ ମସିହାରୁ ଓଡିଶାରେ ପ୍ରତିବର୍ଷ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଉଛି । ତେବେ ପ୍ରତି ବର୍ଷ ଅପ୍ରେଲ ୨୪ ତାରିଖକୁ ଜାତୀୟ ପଞ୍ଚାୟିତରାଜ ଦିବସ ରୂପେ ପାଳନ କରାଯାଏ । ଏହି ଦିନ ବିଭିନ୍ନ ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କୁ ପୁରସ୍କାର ପ୍ରଦାନ, ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପୁରସ୍କାର ଆଦି ପ୍ରଦାନ କରାଯାଇଥାଏ । ବୟାନରେ କୁହାଯାଇଛି, 'ପଞ୍ଚାୟତିରାଜ ଦିବସ ପାଳନରେ ଜାତୀୟ ଓ ରାଜ୍ୟ ସ୍ତରରେ ଥିବା ଏହି ଅସଂହତି ଦୂର କରିବା ପାଇଁ ଓଡିଶାରେ ମାର୍ଚ୍ଚ ୫ ତାରିଖକୁ ଆଉ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାନଯାଇ ଅପ୍ରେଲ ୨୪ ତାରିଖରେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଲୋକସେବା ଦିବସ ମଧ୍ୟ ଅପ୍ରେଲ ୨୪ ତାରିଖରେ ପାଳନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।' ବୟାନରେ ଆହୁରି କୁହାଯାଇଛି, 'ମାର୍ଚ୍ଚ ୫ ତାରିଖ ହେଉଛି ଓଡିଶାର ମହାନ ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ । ଏହାକୁ ରାଜ୍ୟ ସରକାର ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ତେବେ ଏହି ଦିବସକୁ ସରକାରୀ ଛୁଟି ଭାବେ ପାଳନ କରାଯିବ ନାହିଁ ।'

ଚଳିତବର୍ଷ ଶେଷ ସୁଦ୍ଧା ବଦଳିପାରେ କର୍ଣ୍ଣାଟକ ରାଜନୀତିର ପଟ୍ଟଚିତ୍ର : ଡିସେମ୍ବର ସୁଦ୍ଧା ଡିକେ ହୋଇପାରନ୍ତି ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୦୩/୩ : କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ନେଇ କର୍ଣ୍ଣାଟକ କଂଗ୍ରେସରେ ଚାଲିଥିବା ହଟଚମଟ ଥମିବା ନା ନେଉନାହିଁ । ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଭାବେ ଡିକେ ଶିବକୁମାରଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତା ବୀରପ୍ପା ମୋଲି ସମର୍ଥନ କରିଛନ୍ତି । ସେହିଭଳି ବର୍ଷ ଶେଷ ସୁଦ୍ଧା ଡିକେ ମୁଖ୍ୟମନ୍ତ୍ରୀ ହେବେ ବୋଲି ବରିଷ୍ଠ ବିଧାୟକ ବାସବରାଜ ଶିବଗଙ୍ଗା ଦୃଢୋକ୍ତି କରିଛନ୍ତି କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ରାଜ୍ୟର

ମୁଖ୍ୟମନ୍ତ୍ରୀ ପଦ ପାଇଁ ଏକାନ୍ତ ଯୋଗ୍ୟ । ଏହା ତାଙ୍କୁ କେହି ଦେବାର ଆବଶ୍ୟକତା ନାହିଁ ବଂର ସେ ଏହା ପାଇଁ ହକଦାର ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରପ୍ପା ମୋଲିଙ୍କ ବୟାନ ଦଳୀୟ ମତଭେଦକୁ ପଦରେ ପକାଇଛି ସେହିଭଳି କଂଗ୍ରେସ ବିଧାୟକ ବାସବରାଜ ଶିବଗଙ୍ଗା ମଧ୍ୟ ଏହି ବର୍ଷ ଶେଷ ସୁଦ୍ଧା ଡିକେ ମୁଖ୍ୟମନ୍ତ୍ରୀ ହେବେ ବୋଲି ଦୃଢୋକ୍ତି କରିଛନ୍ତି । ଏପରି

ପତଞ୍ଜଳି ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ହରିଦ୍ୱାର, ୦୩/୩ (ନି.ପ୍ର): 'ପତଞ୍ଜଳି ରିସର୍ଚ୍ଚ ସେଣ୍ଟର' ପ୍ରତିଷ୍ଠା କରି ପତଞ୍ଜଳି ସମାଜ ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି । ଏହି ଗବେଷଣା ଓ ବିକାଶ କେନ୍ଦ୍ର ପତଞ୍ଜଳି ବିଶ୍ୱବିଦ୍ୟାଳୟକୁ ଶିକ୍ଷା ଓ ଗବେଷଣା ତଥା ଉଦ୍ଭାବନର କେନ୍ଦ୍ରରେ ପରିଣତ କରିବ । ପତଞ୍ଜଳି ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ଚିକିତ୍ସା ଏବଂ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ବିଶ୍ୱକୁ ସମାଧାନ ପ୍ରଦାନ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଦେବଭୂମି ଉତ୍ତରାଖଣ୍ଡରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଅଭ୍ୟୁଦୟ'ରେ ଯୋଗଦେବା ଅବସରରେ କହିଛନ୍ତି, ପତଞ୍ଜଳି ବିଶ୍ୱବିଦ୍ୟାଳୟର ଏହି ଉତ୍ସବ ଭାରତର ଶାଶ୍ୱତ ଜ୍ଞାନ ପରମ୍ପରାର ଏକ ନୂତନ ଯୁଗର ଆରମ୍ଭର ପ୍ରତୀକ । ଋଷି ପତଞ୍ଜଳି ଯୋଗକୁ ବ୍ୟବସ୍ଥିତ କରି ମାନବତାକୁ ସମଗ୍ର କଲ୍ୟାଣର ମାର୍ଗ ଦେଖାଇଥିଲେ, ଯାହା ଆଜି ପତଞ୍ଜଳି ନାମରେ ଏକ ବଟବୃକ୍ଷର ରୂପ ନେଇଛି । ଯୋଗକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ବାବା ରାମଦେବ ଅଭୂତପୂର୍ବ କାର୍ଯ୍ୟ କରିଛନ୍ତି । ଭାରତକୁ ପୁଣି ଥରେ ଜାଗ୍ରତ କରିବା ପାଇଁ ସେ କଠିନ ତପସ୍ୟା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଯୋଗକୁ ବିଶ୍ୱସ୍ତରୀୟ ମାନ୍ୟତା ଦେଇ ଭାରତୀୟ ଶିକ୍ଷା ବୋର୍ଡ ଗଠନ କରିଛନ୍ତି ଏବଂ ଭାରତୀୟ ଭାଷା ଓ ଶିକ୍ଷାକୁ ବିଭ୍ରାନ୍ତ କରିବାର ପ୍ରୟାସକୁ ପରିବର୍ତ୍ତନ କରିବା ପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ କରିଛନ୍ତି । ଭାରତୀୟ ଜ୍ଞାନ ପରମ୍ପରାକୁ ଆଧୁନିକ ଗବେଷଣା ସହ ଯୋଡ଼ିବା ପାଇଁ ଜାତୀୟ ଶିକ୍ଷା ନୀତି ୨୦୨୦ ଏକ ମଜଭୁତ୍ ଭିତ୍ତିଭୂମି ପ୍ରଦାନ କରୁଛି ଏବଂ ପତଞ୍ଜଳି ମଧ୍ୟ ଏହି ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛି । ଆଜି ଜାତୀୟ ଶିକ୍ଷା ନୀତିର ସବୁଠାରୁ ବଡ଼ ପରୀକ୍ଷାଗାର ହେଉଛି ପତଞ୍ଜଳି ଯୋଗ ବିଦ୍ୟାପୀଠ । ଭାରତର କାଳଜୟୀ ଐତିହ୍ୟକୁ ଆଗକୁ ବଢ଼ାଇବା ଆମର ସାମୂହିକ ସଂକଳ୍ପ ହେବା ଉଚିତ । ବିକଶିତ ଭାରତର ପରିଚୟ ଏକ ଭୌତିକବାଦୀ ଆଭିମୁଖ୍ୟ ଦ୍ୱାରା ନୁହେଁ, ବରଂ ବିକଶିତ ବ୍ୟକ୍ତିତ୍ୱଙ୍କ ଦ୍ୱାରା ନିର୍ଦ୍ଧାରଣ ହେବ । ବୈଷୟିକ ଜ୍ଞାନକୌଶଳ, ସାମାଜିକ ନୀତି ଏବଂ ଅର୍ଥନୈତିକ ନୀତିରେ ଦେଶକୁ ଆଗେଇ ନେବା ପାଇଁ ଆମକୁ ବ୍ୟକ୍ତିଗତ ଓ ସାମାଜିକ ଭାବେ ସଂଗଠିତ ପ୍ରୟାସ କରିବାକୁ ପଡ଼ିବ ଏବଂ ପତଞ୍ଜଳି ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି । ଆଜି ହରିଦ୍ୱାର ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଉତ୍ତରାଖଣ୍ଡର ଶିକ୍ଷା, ସ୍ୱାସ୍ଥ୍ୟ ଓ ସହକାରିତା ମନ୍ତ୍ରୀ ଡା. ଧନ ସିଂହ ରାଓ୍ୱତଙ୍କ ସହ ସାକ୍ଷାତ୍ କରିବା ସହ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଏବଂ ସମଗ୍ର ଜନସାଧାରଣଙ୍କୁ ଗୁଣାତ୍ମକ ଶିକ୍ଷାର ସୁଯୋଗ ସହିତ ଯୋଡ଼ି ସଶକ୍ତ କରିବା ଉପରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ରାଜ୍ୟର ଶିକ୍ଷାଗତ ପ୍ରାଥମିକତା ପୂରଣ କରିବା ଏବଂ ଦେବଭୂମି ଉତ୍ତରାଖଣ୍ଡର ପ୍ରଗତି ପାଇଁ ରାଜ୍ୟକୁ ଏକ ଅଗ୍ରଣୀ ଜ୍ଞାନ ଭିତ୍ତିକ ଅର୍ଥନୀତିରେ ପରିଣତ କରିବାକୁ ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ରମନ୍ତ୍ରୀଙ୍କ ସହ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡର ଶିକ୍ଷା, ସ୍ୱାସ୍ଥ୍ୟ ଓ ସହକାରିତା ମନ୍ତ୍ରୀ ଡା. ରାଓ୍ୱତ, ଯୋଗଗୁରୁ ରାମ ଦେବ ଏବଂ ପତଞ୍ଜଳି ଆୟୁର୍ବେଦର ଏମଡି ଆଚାର୍ଯ୍ୟ ବାଲକୃଷ୍ଣ ପ୍ରମୁଖ ଯୋଗଦେଇଥିଲେ ।

ଓଡ଼ିଶା ଶିକ୍ଷା ଆମଲା ସଂଘର ସମ୍ବର୍ଦ୍ଧନା ଉତ୍ସବ

କେନ୍ଦ୍ରାପଡ଼ା,୦୩/୩ (ନି.ପ୍ର): ଓଡ଼ିଶା ଶିକ୍ଷା ଆମଲା ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖାର ସମ୍ବର୍ଦ୍ଧନା ଉତ୍ସବ ଜିଲ୍ଲା ସଭାପତି ଅବିନାଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ପଟ୍ଟାମୁଣ୍ଡାଇ ମଙ୍ଗଳ ଶିକ୍ଷା ଅଧିକାରୀ ହରିହର ଦଳାଇ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କନିଷ୍ଠ ସହାୟକ ରୁ ବରିଷ୍ଠ ସହାୟକ ଓ ବରିଷ୍ଠ ସହାୟକରୁ ସେକସନ ଅଧିକାରୀକୁ ପଦୋନ୍ନତି ପାଇଥିବା ଓ ୨୦୨୪ ଶେଷ ସୁଦ୍ଧା ଅବସର ନେଇଥିବା ଅମଲା ଭାଇ ଓ ଭଉଣୀମାନଙ୍କୁ ପୁଷ୍ପଗୁଚ୍ଛ ଉତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା । କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ମନୋରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଓଡିଶା ରାଜ୍ୟ ଶିକ୍ଷା ଅମଲା ସଂଘର ସାଧାରଣ ସଂପାଦକ ଶାନ୍ତନୁ କୁମାର କର ସଭାରେ ଯୋଗ ଦେଇ ସମସ୍ତ ବନ୍ଧୁ ମାନଙ୍କୁ ସଂଗଠିତ ରହି ନିଜର ନାର୍ଯ୍ୟ ଦାବି ପାଇଁ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ।

ସିଟିଜେନ୍ ହ୍ୟୁମାନ ରାଇଟ୍ କ୍ଲିନିକ୍ ପକ୍ଷରୁ ଲଙ୍ଗଳେଶ୍ୱର ମେଳାରେ ନକଲି ଖାଦ୍ୟ ସାମଗ୍ରୀର ଯାଞ୍ଚ

ଲଙ୍ଗଳେଶ୍ୱର/ବାଲିଆପାଳ ,୦୩/୩ (ନି.ପ୍ର): ଏବେ ଚାଲିଛି ସାରା ଓଡ଼ିଶାରେ ମହାଶିବରାତ୍ରି ଓ ଜାଗର ମେଳା । ତେବେ ଓଡିଶାରେ ଥିବା ବଡବଡ ଶୈବପୀଠ ଗୁଡିକରେ ମେଳାର ମାହୌଲ୍ ରହିଥିବା ବେଳେ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ କିସମର ଖାଇବା ଦୋକାନ ମଧ୍ୟ ବସିଛି । ତେବେ ଦୈନିକ ସଂନ୍ଧ୍ୟାରେ ହଜାର ହଜାର ଲୋକମାନେ ମେଳାକୁ ଆସିବା ସହ ଖାଇବାର ମଜା ମଧ୍ୟ ନେଉଛନ୍ତି । ତେବେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧିନ ଲଙ୍ଗଳେଶ୍ୱର ହରପାର୍ବତୀ ମେଳାରେ ଶହଶହ ଦୋକାନ ବସିଥିବା ବେଳେ ହଜାର ହଜାର ଲୋକ ପ୍ରତି ସଂନ୍ଧ୍ୟାରେ ମେଳାକୁ ଆସିବା ସହ ବିଭିନ୍ନ ଷ୍ଟଲ୍ ରେ ଲାଗିଥିବା ଚଟପଟି ଖାଦ୍ୟର ମଜା ନେଇଥାନ୍ତି । ତେବେ ଖାଦ୍ୟର ମାନ ତଥା ମେଳାରେ ଅଗ୍ନିନିର୍ବାପକ ପାଇଁ କଣ ସବୁ ବ୍ୟବସ୍ଥା ହୋଇଛି,ଆଜି ସିଟିଜେନ୍ ହ୍ୟୁମାନ ରାଇଟ୍ କ୍ଲିନିକ୍ ସଂସ୍ଥା ପକ୍ଷରୁ ତିନିଜଣିଆ ଟୀମ୍ ବିଶ୍ୱକେଶନ ବେହେରାଙ୍କ ନେତୃତ୍ୱରେ ପରିଦର୍ଶନ କରିଥିଲେ । ତେବେ ବିଭିନ୍ନ ଦୋକାନରେ ବାସି ଖାଦ୍ୟ,ଲୋକାଲ୍ ଶଶ,ନିମ୍ନ ମାନର ତେଲ ବ୍ୟବହାର ହେଉଥିବାର ଦେଖିବାକୁ ପାଇଥିଲେ । ଏବଂ ଏତେ ବଡ ମେଳାରେ ଅଗ୍ନିନିର୍ବାପକ ପାଇଁ କୌଣସି ବ୍ୟବସ୍ଥା ନଥିବା ଦେଖିବାକୁ ପାଇଥିଲେ । ତେବେ ତୁରନ୍ତ ନକଲି ସାମଗ୍ରୀ ବାସିଖାଦ୍ୟ ହଟାଇ ଆଇଏସ ଆଇ ମାର୍କା ସାମଗ୍ରୀ ବ୍ୟବହାର ପାଇଁ ଦୋକାନୀ ମାନଙ୍କୁ ତାଗିଦ୍ କରିଥିଲେ ।

ପ୍ରତିଶ୍ରୁତି ଦେଇ ଭୂଲି ଗଲେ ପ୍ରଶାସନ: ଭିନ୍ନକ୍ଷମଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ

ବାଲିଆପାଳ ୩/୩: (ଝାଡେଶ୍ୱର ପ୍ରଧାନଙ୍କ ଠାରୁ) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଜାନୁଆରୀ ୧୦ ତାରିଖରେ ଅନୁଷ୍ଠିତ ହୋଇଥିବା ଭୀମଭୋଇ ସାମର୍ଥ୍ୟ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ବାଲିଆପାଳ ବ୍ଲକ ସମେତ ବସ୍ତା, ଭୋଗରାଇ, ଜଳେଶ୍ୱର ପ୍ରଭୃତି ବ୍ଲକରୁ ଶତାଧିକ ସଂଖ୍ୟାରେ ଭିନ୍ନକ୍ଷମମାନେ ନୂତନ ସାର୍ଟିଫିକେଟ ଏବଂ ହାତ ଲେଖା ସାର୍ଟିଫିକେଟକୁ ଅନଲାଇନ କରିବା ପାଇଁ ନିଜର ନାମ ପଞ୍ଜିକୃତ କରିଥିଲେ । ଅତ୍ୟଧିକ ଭିଡ଼ ଫଳରେ ଭିନ୍ନକ୍ଷମ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହାକୁ ଦୃଷ୍ଟିରେ ରଖି ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ନୂଆ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଆସିଥିବା ଭିନ୍ନକ୍ଷମଙ୍କୁ ଘରକୁ ଫେରିଯିବା ପାଇଁ ସୁଚନା ଦିଆଯାଇଥିଲା । ଏବଂ ୧୫ ଦିନ ମଧ୍ୟରେ ପୁନର୍ବାର ଏକ ଶିବିର ପାଇଁ ତାରିଖ ଘୋଷଣା କରାଯିବ ବୋଲି କୁହାଯାଇଥିଲା । ମାତ୍ର ୪୫ ଦିନ ରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ଫଳରେ ଭିନ୍ନକ୍ଷମଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଛି । ଜାନୁଆରୀ ୧୦ ତାରିଖ ଶିବିର ରେ ୨୫୦୦ଜଣ ଭିନ୍ନକ୍ଷମଙ୍କର ପଂକୃତ ହୋଇଥିବା ବେଳେ ୬୩୭ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି । ଅବଶିଷ୍ଟ ଭିନ୍ନକ୍ଷମଙ୍କୁ ବାଲେଶ୍ୱର ହେଡକ୍ୱାର୍ଟରକୁ ରେଫର କରା ଯାଇଥିଲା । ଏଠାରେ ପ୍ରଶ୍ନ ଉଠୁଛି ସରକାର ଭିନ୍ନକ୍ଷମଙ୍କ ଭ । ପ୍ରଦାନ କରିବା ପାଇଁ ବିଭିନ୍ନ ସୁବିଧା କରୁଛନ୍ତି ମାତ୍ର ବାଲିଆପାଳ ବ୍ଲକରେ ଭିନ୍ନକ୍ଷମଙ୍କ ପାଇଁ ଭ । ପାଇବା ଏକ ପ୍ରହସନ ହୋଇପଡିଛି । ଏହା ବ୍ୟତୀତ ହାତଲେଖା ଥିବା ପ୍ରମାଣ ପତ୍ର ଦ୍ୱାରା ପାଉଥିବା ଭ । ହିତାଧିକାରୀ ଙ୍କୁ ଭ । ବନ୍ଦ ନକରି ୬ ମାସ ପର୍ଯ୍ୟନ୍ତ ଭ । ଯୋଗାଇ ଦିଆଯିବା ସହିତ ତୁରନ୍ତ ଏକ ଶିବିର ଆୟୋଜନ କରି ନୂତନ ଏବଂ ହାତଲେଖା ପ୍ରମାଣ ପତ୍ର କୁ ନବି କରଣ କରିବା ପାଇଁ ରବିରଞ୍ଜନ ତ୍ରିପାଠୀ, ଝରଣା ରାଉତ ,ବାସନ୍ତୀ ଜେନା, ରବିନ୍ଦ୍ର ପାତ୍ର, ହରେକୃଷ୍ଣ ମଲ୍ଲିକ, ପୂର୍ଣ୍ଣିମା ଗିରି,ସୁଚିତ୍ରା ବେହୁରି, ଉଜ୍ଜ୍ୱଳା ଦାସ, ଲିଲି ବେହୁରି ବିକ୍ରମ ମଣ୍ଡଳ ପ୍ରମୁଖ ଦାବୀ କରିଛନ୍ତି।

ଭୁଜାଲି ଚୋଟରେ ବାପ ଗୁରୁତର

ଚମ୍ପୁଆ,୦୩/୩ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ କୋଦଗାଡ଼ିଆ ପଂଚାୟତ ଚିମିଳା ଗ୍ରାମରେ ପୁଅର ଭୁଜାଲି ଚୋଟରେ ବାପା ଗୁରୁତର ହୋଇଥିବା ଜଣା ପଡିଛି । ଖବର ଅନୁସାରେ, କୋଦାଗାଡ଼ିଆ ପଂଚାୟତ ଅନ୍ତର୍ଗତ ଚିମିଳା ଗ୍ରାମର ଶୁକଲାଲ ମୁଣ୍ଡା ଚିମିଳା ବସ ଷ୍ଟାଣ୍ଡରେ ବସରୁ ଓହ୍ଲାଇବା ପରେ ପୁଅ ଶତ୍ରୁଘନ ମୁଣ୍ଡା ବାପା ପାଖକୁ ଆସି ହଠାତ ଏକ ଭୁଜାଲି ଧରି ବାପା ଶୁକଲାଲଙ୍କୁ ଆକ୍ରମଣ କରି ଥିବା ବେଳେ ଭୁଜାଲି ମାଡ଼ରେ ଶୁକଲାଲ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଶୁକଲାଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତିକରି ଚମ୍ପୁଆ ପୋଲିସକୁ ଖବର ଦେଇଥିଲେ । ପୋଲିସ ଖବର ପାଇ ଡାକ୍ତରଖାନାରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଗୁରୁତର ଶୁକଲାଲଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ତେବେ ପୁଅ ଶତ୍ରୁଘନ ନିଶାଗ୍ରସ୍ତ ହୋଇ ଏପରି କାଣ୍ଡ ଭିଆଇ ଥିବା ଜଣାପଡିଛି ।

"ଶୂନ୍ୟ ହାନି ସମସ୍ତଙ୍କ ଜୀବନର ମୂଳମନ୍ତ୍ର ହେବା ଉଚିତ," ବୋଲି ଗଣଯୋଗାଯୋଗ ଅଧିବେଶନରେ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ଆରଏସପି ସାମୁଦାୟିକଙ୍କୁ ଆହ୍ୱାନ

ରାଉରକେଲା,୦୩/୩ (ନି.ପ୍ର): "ଶୂନ୍ୟ ହାନି ସମସ୍ତଙ୍କ ଜୀବନର ମୂଳମନ୍ତ୍ର ହେବା ଉଚିତ," ବୋଲି ଗୋପବନ୍ଧୁ ପ୍ରେକ୍ଷାଳୟରେ ଫେବୃଆରୀ ୨୮ ତାରିଖ ଅନୁଷ୍ଠିତ ୮୭୪ ତମ ଗଣଯୋଗାଯୋଗ ଅଧିବେଶନରେ ରାଉରକେଲା ଇସ୍ପାତ କାରଖାନା ସାମୁଦାୟିକଙ୍କୁ ନିଜର ପ୍ରଥମ ଉଦବୋଧନରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଶ୍ରୀ ଆଲୋକ ବର୍ମା ଉଲ୍ଲେଖ କରିଛନ୍ତି । ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି ଆର ପଲାଇ , ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ , ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ, ମଞ୍ଚାସୀନ ଥିଲେ । ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗ ର ସି ଏମ ଓ ଇନ ଚାର୍ଜ ଶ୍ରୀ ଜୟନ୍ତ କୁମାର ଆଚାର୍ଯ୍ୟ , ବହୁ ସିଜିଏମ ଓ ବିଭାଗ ମୁଖ୍ୟ ତଥା ଖଣି ସମେତ ଆରଏସପିର ବିଭିନ୍ନ ବିଭାଗରୁ ପ୍ରାୟ ୫୦୦ ଜଣ କର୍ମଚାରୀ ଯୋଗ ଦେଇଥିବା ଏହି ଅଧିବେଶନର ବିଷୟବସ୍ତୁ ଥିଲା 'ଶୂନ୍ୟ ହାନି' ।

ଶ୍ରୀ ବର୍ମା ଆହୁରି କହିଥିଲେ ଯେ, 'ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ ଏବଂ ଆମେ ନିଶ୍ଚିତ କରିବାକୁ ପଡିବ ଯେ କାରଖାନାକୁ ଆସୁଥିବା ପ୍ରତ୍ୟେକ କର୍ମଚାରୀ ଯେପରି ସୁରକ୍ଷିତ ଭାବରେ ଘରକୁ ଫେରିବେ ।' ଶ୍ରୀ ବର୍ମା ସଫଳତା ହାସଲ କରିବା ପାଇଁ ଛୋଟଛୋଟ ପଦକ୍ଷେପ ନେବାର ମହତ୍ତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । 'ଏକ କାର୍ଯ୍ୟପନ୍ଥା ପ୍ରସ୍ତୁତ କରନ୍ତୁ ଏବଂ ଆପଣଙ୍କ ଜୀବନରେ, ପ୍ଲାଣ୍ଟର ଉତ୍ପାଦକତାରେ ଏବଂ ସୁରକ୍ଷା ଦିଗରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଦିନ ଆପଣଙ୍କ ଲକ୍ଷ୍ୟ ଆଡ଼କୁ ଏକ କ୍ଷୁଦ୍ର ପଦକ୍ଷେପ ନିଅନ୍ତୁ' ବୋଲି ମଧ୍ୟ ସେ କହିଥିଲେ । ଏହି ପରିପ୍ରେକ୍ଷୀରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଗାମୀ ଦିନରେ ଇସ୍ପାତ କ୍ଷେତ୍ରର ଅଭିବୃଦ୍ଧି ଉପରେ ଆଲୋକପାତ କରିବା ସହିତ ଯୁବ କର୍ମଚାରୀଙ୍କୁ କାରଖାନାରେ ସେମାନଙ୍କର ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପ୍ରଦାନ କରିବାକୁ ପ୍ରେରଣା ଦେଇଥିଲେ ।

ଶ୍ରୀ ଏ କେ ବେହୁରିଆ ତାଙ୍କ ଅଭିଭାଷଣ ରେ 'ସାଂପ୍ରତିକ ଇସ୍ପାତ ବଜାର ସ୍ଥିତି ଏବଂ ଆଗାମୀ କାର୍ଯ୍ୟପନ୍ଥା' ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । ତାଙ୍କ ଉପସ୍ଥାପନାରେ, ସେ ସମସ୍ତ ସେଲ୍ ୟୁନିଟର ଆର୍ଥିକ ପ୍ରଦର୍ଶନର ରୂପରେଖ ଦେବା ସହିତ ଏବଂ ମୂଲ୍ୟ ନିପୁଣତା ଉପରେ ଏକ ସବିସ୍ତୃତ ଆଲୋଚନା କରିଥିଲେ । ତାଙ୍କ ଉପସ୍ଥାପନା ମାଧ୍ୟମରେ, ସେ ଆର ଏସ ପି ସାମୂହିକଙ୍କୁ ଆତ୍ମପ୍ରେରିତ ହେବା ଏବଂ ଆରଏସପି ର ଆର୍ଥିକ ପରିସ୍ଥିତିରେ ଉନ୍ନତି ଆଣିବା ଦିଗରେ ନିଜ ନିଜ କର୍ମ କ୍ଷେତ୍ରରେ ଖର୍ଚ୍ଚ କମ କରିବାରେ ଚମ୍ପିଅନ୍ ହେବାକୁ ପ୍ରେରଣା ଦେଇଥିଲେ ।

ଜାତୀୟ ସଂଗୀତ ଗାନ ପୂର୍ବକ ଏହି ଅଧିବେଶନ ଶୁଭାରମ୍ଭ ହୋଇଥିଲା । ଏହା ପରେ ଲୋକସମ୍ପର୍କ ବିଭାଗ ଦ୍ୱାରା ନିର୍ମିତ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ଯେଉଁଥିରେ ପ୍ରେରଣାଦାୟକ ଭିଡିଓ ଏବଂ ଟାଉନସିପରେ ବିଭିନ୍ନ ପ୍ରୟାସ, ଲକ୍ଷ୍ୟ, ସଫଳତା ଏବଂ ନୂତନ ସୁବିଧା ସମେତ ଗତ ଆର୍ଥିକ ବର୍ଷରେ ଆରଏସପିର ପ୍ରଦର୍ଶନ ତଥା ଚଳିତ ଆର୍ଥିକ ବର୍ଷର ପ୍ରଦର୍ଶନ ଆଦି ସ୍ଥାନ ପାଇଥିଲା । ଏହା ପରେ, କର୍ମଚାରୀମାନେ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ସମସ୍ୟା ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ । ଆଲୋଚନା ସମୟରେ ଦିଆଯାଇଥିବା ପ୍ରସ୍ତାବ ର ଗୁଣବତ୍ତାରେ ଖୁସି ହୋଇ, ଡି ଆଇ ସି ଜଣେ ଅଧିକାରୀ ଙ୍କ ସମେତ ତିନି ଜଣ କର୍ମଚାରୀଙ୍କୁ 'ଶ୍ରେଷ୍ଠ ପ୍ରସ୍ତାବ ଦାତା' ପୁରସ୍କାର ଘୋଷଣା କରିଥିଲା

ଏହି କାର୍ଯ୍ୟକ୍ରମକୁ ଏଲ ଆଣ୍ଡ ଡ଼ି ବିଭାଗର ଡିଜିଏମ ସୁଶ୍ରୀ କେ କେ ଜୟଶ୍ୱାଲ ସଂଯୋଜନା କରିଥିଲେ ।

ଶ୍ରୀଜଗନ୍ନାଥ ଶିଶୁ ବିହାର ଓ ତପୋବନ ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ

ପୁରୀ,୦୩/୩ (ନି.ପ୍ର): ସ୍ଥାନୀୟ ଟାଉନହଲ ଠାରେ ଶ୍ରୀଜଗନ୍ନାଥ ଶିଶୁ ବିହାର ଓ ତପୋବନ ଆଦର୍ଶ ବିଦ୍ୟାଳୟର ମିଳିତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଉଦଘାଟକ ଡକ୍ଟର ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ବରିଷ୍ଠ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର,ସମ୍ମାନିତ ଅତିଥି ଶ୍ରୀମନ୍ଦିର ପୁରୋହିତ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍

ଡାଳଚିନିର ଅଦ୍ଭୁତ ଫାଇଦା; ଏମିତି କରନ୍ତୁ ବ୍ୟବହାର, ରାତିକ ଭିତରେ ଚିକ୍ ଚିକ୍ କରିବ ମୁହଁ !

ରୋଷେଇ ଘରେ ଥିବା ଡାଳଚିନି ରାତାରାତି ଚର୍ମରେ ଆଣିବ ଚମକ । ଏହାକୁ କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡ଼ିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।

ଘରୁ ବାହାରେ ରହିବା ବା ଦିନସାରା ଧାଁ-ଧପଡ ଭିତରେ ଚର୍ମରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ପ୍ରଦୂଷଣ ଏବଂ ସୂର୍ଯ୍ୟକିରଣ ଚେହେରାରେ ଟ୍ୟାନିଂ ସୃଷ୍ଟିକରେ, ଯେଉଁ କାରଣରୁ ଚେହେରାର ଚମକ କମିଯାଏ ଏବଂ ଏହା ନିର୍ଜୀବ ଦେଖାଯିବା ଆରମ୍ଭ କରେ। ଏହାକୁ ଠିକ୍ କରିବା ପାଇଁ, ଅନେକ ଘରୋଇ ଉପଚାର ରହିଛି ଯାହାର ସାହାଯ୍ୟ ନିଆଯାଇପାରେ।

ଭାରତୀୟ ରୋଷେଇ ଘରେ ଡାଳଚିନି ଏକ ଅତି ପରିଚିତ ମସଲା। ଏହା ଫେସ୍ ପ୍ୟାକ୍ ଭାବରେ ମଧ୍ୟ ବ୍ୟବହୃତ ହୁଏ। ରୋଷେଇ ଘରେ ଥିବା ଏହି ଡାଳଚିନି ରାତାରାତି ଚର୍ମରେ ଚମକ ଆଣିପାରିବ। ଏହାକୁ କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।

ଡାଳଚିନି-ମହୁ : ଡାଳଚିନି ପାଉଡରକୁ ମହୁ ସହିତ ମିଶ୍ରଣ କରି ଆପଣ ମୁହଁରେ ଲଗାଇ ପାରିବେ। ଏହାର ମିଶ୍ରଣ ଚର୍ମକୁ ମଶ୍ଚରାଇଜ୍ କରିଥାଏ ଏବଂ ମୁହଁରେ ପଡୁଥିବା କୁଞ୍ଚନକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହି ପ୍ୟାକ୍‌କୁ ମୁହଁ ସହିତ ବେକରେ ମଧ୍ୟ ଲଗାଇବାକୁ ଭୁଲନ୍ତୁ ନାହିଁ।

ଡାଳଚିନି-ଲେମ୍ବୁ ରସ :ଲେମ୍ବୁ ରସକୁ ଡାଳଚିନି ପାଉଡର ସହିତ ମିଶାଇ ଫେସ୍ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ। ଚର୍ମକୁ ଚକ୍‌ଚକ୍ କରିବାରେ ଏହି ପେଷ୍ଟ ବହୁତ ସାହାଯ୍ୟକାରୀ। କେବଳ ଏତିକି ନୁହେଁ, ଏହା ଚର୍ମରୁ କଳା ଦାଗ ମଧ୍ୟ ଦୂର କରିଥାଏ।

ଡାଳଚିନି-ଗୋଲାପ ଜଳ : ଡାଳଚିନି ପାଉଡରକୁ ଗୋଲାପ ଜଳରେ ମିଶାଇ ଚର୍ମରେ ଲଗାଇ ପାରିବେ। ଗୋଲାପ ଜଳ ଚର୍ମର ଚଏ଼ୀ ସ୍ତରକୁ ସ୍ୱାଭାବିକ କରିଥାଏ। ଏହା ବ୍ୟତୀତ ଏହାର ମିଶ୍ରଣ ଚର୍ମକୁ ଥଣ୍ଡା କରିଥାଏ ଏବଂ ଚାପକୁ ମଧ୍ୟ ହ୍ରାସ କରିଥାଏ।

ଡାଳଚିନି-ଘିଁକୁଆରୀ : ଚର୍ମ ପାଇଁ ଘିଁକୁଆରୀ ରସ ବହୁତ ଲାଭଦାୟକ। ପ୍ରତ୍ୟେକ ଚର୍ମ ସମସ୍ୟାରେ ଏହା ଉପଯୋଗୀ। ମୁହଁରୁ ବ୍ରଣ ଏବଂ ଟ୍ୟାନିଂ ଦୂର କରିବା ପାଇଁ ଏହା ଘରୋଇ ଉପଚାରରେ ବ୍ୟବହୃତ ହୁଏ। ଯଦି ଚର୍ମ ଶୁଖିଲା ପଡିଯାଉଛି, ତେବେ ଘିଁକୁଆରୀ ଏବଂ

ଡାଳଚିନିର ମିଶ୍ରଣ ପ୍ରୟୋଗ କରିହେବ। ଏହା ଚର୍ମକୁ ହାଇଡ୍ରେଟ୍ କରିଥାଏ ଏବଂ ଜ୍ୱଳନରୁ ମୁକ୍ତି ଦେଇଥାଏ।

ଡାଳଚିନି-ଚନ୍ଦନ : ଡାଳଚିନି ଏବଂ ଚନ୍ଦନ ପାଉଡର ମିଶ୍ରଣ କରି ଏହାର ପେଷ୍ଟକୁ ମୁହଁରେ ବ୍ୟବହାର କଲେ ଅନେକ ଫାଇଦା ମିଳେ। ଏହାର ପେଷ୍ଟ ଚର୍ମକୁ ଥଣ୍ଡା କରିଥାଏ ଏବଂ ଏହାକୁ ଚିକ୍କଣ କରିଥାଏ।

ଏହି ଦିନଗୁଡିକରେ ଆରମ୍ଭ କରନ୍ତୁ ଗୃହ ନିର୍ମାଣ: ଆସିବ ନାହିଁ ସମସ୍ୟା

ପ୍ରତ୍ୟେକଟି ପକ୍ଷରେ ପନ୍ଦରଟି ତିଥି ହୋଇଥାଏ। ଏହି ପ୍ରତ୍ୟେକର ବିଶେଷତା ରହିଛି। ବାସ୍ତୁଶାସ୍ତ୍ରରେ ଗୃହ ନିର୍ମାଣ ଆରମ୍ଭ ପାଇଁ ଶୁଭ ଓ ଅଶୁଭ ତିଥିର ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ନିମ୍ନରେ ଆପଣଙ୍କର ଅବଗତ ନିମନ୍ତେ ଦିଆଯାଉଛି। ଏହା ଜାଣି ରଖନ୍ତୁ।

ମନୁଷ୍ୟ ଏହି ପ୍ରକୃତିର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ। ଆମ ଦର୍ଶନ ଶାସ୍ତ୍ରରେ ଅଛି ପ୍ରକୃତି ଓ ପୁରୁଷର ମିଳନରେ ଏହି ଜୀବଜଗତର ସୃଷ୍ଟି। ଏଣୁ ପ୍ରକୃତିରେ କୌଣସି ବି ପରିବର୍ତ୍ତନ ହେଲେ ଏହାର ପ୍ରଭାବ ଆମ ଜୀବନ ଉପରେ ପଡ଼ିଥାଏ। ଏହି ପ୍ରକୃତିର ସୂର୍ଯ୍ୟ, ଚନ୍ଦ୍ର ଏବଂ ଅନ୍ୟ ଗ୍ରହ, ନକ୍ଷତ୍ର ଆଦିଙ୍କର ବିକିରଣ ରଶ୍ମି ମନୁଷ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ।

ଯେହେତୁ ମନୁଷ୍ୟ ଶରୀର ପ୍ରକୃତିର ପାଞ୍ଚତତ୍ତ୍ୱ (ପୃଥିବୀ, ଆକାଶ, ଜଳ, ବାୟୁ ଓ ଅଗ୍ନି) ଦ୍ୱାରା ଗଢ଼ା ଏଣୁ ପ୍ରକୃତିର ପରିବର୍ତ୍ତନ ଦ୍ୱାରା ଏହି ପଞ୍ଚତତ୍ତ୍ୱ ପ୍ରଭାବିତ ହୋଇଥାଏ ଏବଂ ଏହି ପ୍ରକୃତିର ପଞ୍ଚତତ୍ତ୍ୱ, ମଣିଷ ଶରୀରର ପଞ୍ଚତତ୍ତ୍ୱ ଉପରେ ସକାରାତ୍ମକ କିମ୍ବା ନକାରାତ୍ମକ ପ୍ରଭାବ ପକାଇଥାଏ।

ମଣିଷ ବଞ୍ଚିବା ବା ଚଳିବା ପାଇଁ ତିନୋଟି ମୁଖ୍ୟ ଜିନିଷ ଉପରେ ନିର୍ଭର କରିଥାଏ ତାହା ହେଲା ଖାଦ୍ୟ, ବସ୍ତ୍ର ଓ ବାସଗୃହ। ଆମେ ଆକାଶ ତତ୍ତ୍ୱକୁ ଏହି ବାସ୍ତୁ ଶାସ୍ତ୍ରରେ ବାସଗୃହକୁ ମୁଖ୍ୟ ଭାବରେ ନେଇ ପ୍ରକୃତିର ବାସଗୃହ ଉପରେ ସକରାତ୍ମକ ପ୍ରଭାବ ପଡ଼ିବା ପାଇଁ ଚେଷ୍ଟା କରୁଛେ ।

ଶୁଭ ପ୍ରଭାବ ପଡିଲେ ହିଁ ଆମେ ବାସଗୃହରେ ରହି ଶୁଭଫଳ ପାଇବା ଅନ୍ୟଥା ଦୁଃଖ ଦୁର୍ଦ୍ଦଶା ଭୋଗ କରିବା। ଏଣୁ ଜ୍ଞାନୀଗୁଣୀ ଲୋକମାନେ ବାସଗୃହ ନିର୍ମାଣ ପୂର୍ବରୁ ବାସ୍ତୁର ସମସ୍ତ ନିୟମ ପାଳନ କରିଥାନ୍ତି। କିନ୍ତୁ ଏବେ ବି ବହୁତ ଲୋକ ବାସ୍ତୁକୁ କେବଳ ରୋଷେଇ ଘର, ଗାଧୁଆ ଓ ପାଇଖାନା ଘର, ଶୟନ କକ୍ଷ ଭିତରେ ସିମିତ ରଖିଛନ୍ତି।

ସେମାନେ ଭାବୁଛନ୍ତି ଅଗ୍ନିକୋଣରେ ରୋଷେଇ ଘର, ଦକ୍ଷିଣ-ପଶ୍ଚିମ କୋଣରେ ଶୟନ ଗୃହ ଏହିପରି ପ୍ଲାନ୍‌ଟିଏ କରି ଗୃହ ନିର୍ମାଣ କରୁଛନ୍ତି ଏବଂ ଯେତେବେଳେ ସମସ୍ୟାରେ ପଡୁଛନ୍ତି ସେତେବେଳେ କୁହନ୍ତି ଆମେ ତ ବାସ୍ତୁ ହିସାବରେ ଗୃହ କରିଛୁ ପୁଣି ଅସୁବିଧା କାହିଁକି ହେଉଛି।

ତେବେ କେଉଁ କୋଣ ଏବଂ କେଉଁ ଦିଗରେ କ'ଣ ରହିବା କଥା ଏହା ଘର ପ୍ଲାନ୍ ଦେଉଥିବା ଇଞ୍ଜିନିୟର ଏବଂ ସାଧାରଣ ଲୋକ ସମସ୍ତେ ଜାଣନ୍ତି। ଏହା ବାସ୍ତୁର ଏକ ମୁଖ୍ୟ କଥା କିନ୍ତୁ ଏହା ସମ୍ପୂର୍ଣ୍ଣ ବାସ୍ତୁ ନୁହେଁ। ଏଣୁ ଶୁଭ ତିଥିର ଜ୍ଞାନ ହେବା ନିହାତି ଆବଶ୍ୟକ। ସୂର୍ଯ୍ୟଙ୍କର ପ୍ରଭାବ ଦ୍ୱାରା ଦିନ ଓ ରାତି ହୋଇଥାଏ। ଚନ୍ଦ୍ରଙ୍କର ପ୍ରଭାବ ଦ୍ୱାରା ପକ୍ଷର ବିଚାର କରାଯାଇଥାଏ। ଅମାବାସ୍ୟାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶୁକ୍ଳପକ୍ଷ ଏବଂ ପୂର୍ଣ୍ଣିମାରୁ ଅମାବାସ୍ୟା ପର୍ଯ୍ୟନ୍ତ କୃଷ୍ଣ ପକ୍ଷ।

ପ୍ରତ୍ୟେକଟି ପକ୍ଷରେ ପନ୍ଦରଟି ତିଥି ହୋଇଥାଏ। ଯାହାର ନାମ ପ୍ରତିପଦା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ, ଏକାଦଶୀ, ଦ୍ୱାଦସୀ, ତ୍ରୟୋଦଶୀ, ଚତୁର୍ଦ୍ଦସୀ ଓ ଶୁକ୍ଳପକ୍ଷରେ ପୂର୍ଣ୍ଣିମୀ ତିଥି ଓ କୃଷ୍ଣପକ୍ଷରେ ଅମାବାସ୍ୟା ତିଥି। ଏହି ପ୍ରତ୍ୟେକର ବିଶେଷତା ରହିଛି। ବାସ୍ତୁଶାସ୍ତ୍ରରେ ଗୃହ ନିର୍ମାଣ ଆରମ୍ଭ ପାଇଁ ଶୁଭ ଓ ଅଶୁଭ ତିଥିର ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ନିମ୍ନରେ ଆପଣଙ୍କର ଅବଗତ ନିମନ୍ତେ ଦିଆଯାଉଛି। ଏହା ଜାଣି ରଖନ୍ତୁ।

<u>ଶୁଭ ତିଥି:</u>

ଦ୍ୱିତୀୟା, ତୃତୀୟା, ଷଷ୍ଠୀ, ସପ୍ତମୀ, ଦଶମୀ, ଏକାଦଶୀ, ଦ୍ୱାଦସୀ, ତ୍ରୟୋଦଶୀ।

<u>ଅଶୁଭ ତିଥି:</u>

ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ, ନବମୀ, ଚତୁର୍ଦ୍ଦଶୀ, ଅମାବାସ୍ୟା ପ୍ରତିପଦାରେ ଗୃହ ଆରମ୍ଭ କଲେ ଗୃହକର୍ତ୍ତା ଏବଂ ଗୃହବାସୀଙ୍କ ଧନ ଅଭାବ ବା ଦାରିଦ୍ରତା ଆସିଥାଏ ଏବଂ ଗୃହକାମ ଅଧାରୁ ଅଟକି ଯିବାର ସମ୍ଭାବନା ଥାଏ। ଏଣୁ ତିଥିର ବିଚାର କରି ଗୃହ ଆରମ୍ଭ କଲେ ଅଶୁଭ ଫଳ ମିଳି ନ ଥାଏ।

ମୋଟ ବୟସ ବନାମ ସ୍ୱାସ୍ଥ୍ୟ ବୟସ: ମାଂସପେଶୀ କ୍ଷୟହାର କମାଇବା ଜରୁରୀ

ବିଗତ ଏକ ଶତାବ୍ଦୀ ହେଲା ବିଭିନ୍ନ କାରଣରୁ ଆମର ଜୀବନଧାରଣ କ୍ଷମତା ନାଟକୀୟ ଭାବେ ବୃଦ୍ଧି ପାଇଛି। ତାହାର ପ୍ରମୁଖ କାରଣ ହେଉଛି ପରିମଳ, ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଔଷଧପତ୍ରରେ ଉନ୍ନତି ଯାହା ବିଶେଷ କରି ଯୁବପିଢ଼ିଙ୍କ ମୃତ୍ୟୁ ହାରକୁ କମାଇଦେଇଛି। ବିଂଶ ଶତାବ୍ଦୀରେ ଏପରି ହାରାହାରି ବୟସ ବୃଦ୍ଧି ମାନବଜାତିର ଅନ୍ୟତମ ଶ୍ରେଷ୍ଠ ଉପଲବ୍ଧି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ 'ମୋଟ ବୟସ' ବା ଜନ୍ମଠାରୁ ମୃତ୍ୟୁ ମଧ୍ୟରେ ରହିଥିବା ବୟସର ବ୍ୟବଧାନ ଏବଂ 'ସ୍ୱାସ୍ଥ୍ୟ ବୟସ' ବା ସୁସ୍ଥ ସବଳ ହୋଇ ବଞ୍ଚି ରହିବାର ଅବଧି ଭିତରେ ପାର୍ଥକ୍ୟ ରହିଛି।

ବୟସ୍କ ଲୋକମାନେ ସାଧାରଣତଃ ଦୁର୍ବଳ ସ୍ୱାସ୍ଥ୍ୟ ସହ ଅଧିକ ସମୟ ବିତାଉଛନ୍ତି, ଯାହା ଏକ ପ୍ରମୁଖ ସ୍ୱାସ୍ଥ୍ୟ ବୋଝକୁ ଇଙ୍ଗିତ କରୁଛି। ପରିଣତ ବୟସରେ ଏକ ସ୍ୱାଧୀନ ଜୀବନଶୈଳୀ ବିତାଇବା ହିଁ ଜଣକର ଜୀବନର ମାନକୁ ଉଚ୍ଚ ରଖିଥାଏ। ତେବେ ବୟସ୍କଙ୍କର ମାଂସପେଶୀ, ତାହାର ଦୃଢ଼ତା ଓ କ୍ରିୟାଶୀଳତାରେ ଅବନତି ହେଉଛି ବୟସ୍କ ଲୋକଙ୍କ 'ସ୍ୱାସ୍ଥ୍ୟ ବୟସ' ହ୍ରାସର ପ୍ରମୁଖ କାରଣ। ମନୁଷ୍ୟର ଅଙ୍ଗଭଙ୍ଗୀ ଓ ଚଳପ୍ରଚଳନରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ମାଂସପେଶୀ ଶରୀରର ସମଗ୍ର ଗଠନରେ ଅବଦାନ ରଖିବା ସହ ଶର୍କରା ଓ ଚର୍ବିର ଏକ ଗୁରୁତ୍ୱପୂର୍ଣ୍ଣ ଭଣ୍ଡାର ସାଜିଥାଏ। ଆମେ ବୟସର ପଞ୍ଚଦଶକରେ ଉପନୀତ ହେଲା ପରେ ଆମର ମାଂସପେଶୀଗୁଡ଼ିକ ବର୍ଷକୁ ଏକ ପ୍ରତିଶତ ହାରରେ କ୍ଷୟପ୍ରାପ୍ତ ହେବାକୁ ଲାଗିଥାଏ ଏବଂ ତାହାର ଦୃଢ଼ତା ବର୍ଷକୁ ତିନି ପ୍ରତିଶତ ହାରରେ କମିଥାଏ। ଏହା ଶରୀରରେ ବିଭିନ୍ନ ପ୍ରକାର ନକାରାତ୍ମକ ପରିବର୍ତ୍ତନ ଘଟାଇଥାଏ। ସୁତରାଂ ଜଣକର ସ୍ୱାସ୍ଥ୍ୟ ବୟସ ବଜାୟ ରଖିବା ବା ପରିବର୍ଦ୍ଧିତ କରିବା ପାଇଁ ଆମର ମାଂସପେଶୀ ଓ ତାହାର ଦୃଢ଼ତାକୁ ବଜାୟ ରଖିବାକୁ ହେବ।

ଗାଜର ଜୁସ୍ ପିଇଲେ ମିଳେ ଏହି ସବୁ ଫାଇଦା

ପନିପରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସେଥିମଧ୍ୟରୁ ଗାଜର ଅନ୍ୟତମ। ଗାଜରରୁ ଭିଟାମିନ୍ ଏ, ଫାଇବର, ଭିଟାମିନ୍ କେ୧, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ। ଏହାକୁ ଖାଇବା ଦ୍ୱାରା ଅନେକ ସୁଫଳ ମିଳିଥାଏ। ଖଣ୍ଡ ଗାଜର ଖାଇବା ଅପେକ୍ଷା ଏହାକୁ ଜୁସ୍ କରି ପିଇବା ଅତ୍ୟନ୍ତ ଲାଭଦାୟକ। ଗାଜର ଜୁସ୍ ପିଇବା ଦ୍ୱାରା କି କି ଉପକାରିତା ମିଳେ, ଜାଣନ୍ତୁ କଣ ଫାଇଦା ମିଳିଥାଏ। ପ୍ରତିରକ୍ଷା ପ୍ରଣାଳୀ ବା ଇମ୍ୟୁନିଟି ବୁଷ୍ଟ କରିବାକୁ ଚାହୁଁଥିଲେ ଗାଜର ଜୁସ୍ ଅତ୍ୟନ୍ତ ପ୍ରଭାବଶାଳୀ। ଦୁର୍ବଳ ପ୍ରତିରୋଧକ ଶକ୍ତିକୁ ଦୃଢ କରିବାରେ ଗାଜର ସର୍ବୋତ୍ତମ ହୋଇପାରେ।

ଘରେ ସୁଖ ଓ ସମୃଦ୍ଧି ବଜାୟ୍ ରଖିବା ପାଇଁ ଆପାଣାନ୍ତୁ ଏହି ଉପାୟ୍

ଘରେ ଶାନ୍ତି ଓ ସମୃଦ୍ଧି ରହିବା ପାଇଁ ସମସ୍ତେ ଚାହାନ୍ତି । ବାସ୍ତୁ ଓ ପୌରାଣିକ ଶାସ୍ତ୍ର ଅନୁଯାୟୀ ନିଜ ଗୃହରେ ବିଭିନ୍ନ ପବିତ୍ର ଦ୍ରବ୍ୟ ବା ଜିନିଷ ବ୍ୟବହାର କରିବା ଦ୍ୱାରା ସବୁବେଳେ ଘରେ ଶାନ୍ତି ବଜାୟ୍ ରହିଥାଏ । ଘରେ ସୁଖ ଓ ସମୃଦ୍ଧି ବଜାୟ୍ ରଖିବା ପାଇଁ କିଏ ବା ନଚାହେଁ । ତେବେ ଆସନ୍ତୁ ଜାଣିବା ଏହି ପବିତ୍ର ଜିନିଷ ବିଷୟରେ-

ଚନ୍ଦନ: ଚନ୍ଦନକୁ ବହୁତ ଶୁଭ ଏବଂ ପବିତ୍ର ବୋଲି ଧରାଯାଏ। ଏହାର ମହକରେ ବାତାବରଣର ନକରାତ୍ମକ ଶକ୍ତି କମିଯାଇଥାଏ। ସମସ୍ତ ଦେବୀ-ଦେବତାଙ୍କ ପୂଜାରେ ମଧ୍ୟ ଚନ୍ଦନ ବହୁତ ବିଶେଷ ମହତ୍ତ୍ୱ ରଖିଥାଏ। ଚନ୍ଦନର ତିଳକ ଲଗାଇବା ଦ୍ୱାରା ମନକୁ ଶାନ୍ତି ମିଳିଥାଏ। ଏହାକୁ ଘରେ ସବୁବେଳେ ରଖିବା ଉଚିତ କାରଣ ସବୁଦିନ ପୂଜା କରିବା ସମୟରେ ଦେବୀ-ଦେବତାଙ୍କୁ ଅର୍ପଣ କରିବା ଉଚିତ।

ବୀଣା: ବୃଦ୍ଧି ଏବଂ ଶିକ୍ଷାର ଦେବୀ ସରସ୍ୱତୀଙ୍କର ପ୍ରିୟ ବାଦ୍ୟ ଯନ୍ତ୍ର ହେଉଛି ବୀଣା। ବୀଣାକୁ ଘରେ ରଖିଲେ ସରସ୍ୱତୀଙ୍କ କୃପା ଘରର ସବୁ ସଦସ୍ୟଙ୍କ ଉପରେ ରହିଥାଏ। ଏଥିସହିତ ଜଟିଳରୁ ଜଟିଳ ସମସ୍ୟାରେ ଧୈର୍ଯ୍ୟ ରଖିବାକୁ ପ୍ରେରଣା ମିଳିଥାଏ।

ମହୁ: ବାସ୍ତୁ ନିୟମ ଅନୁଯାୟୀ ଘରେ ମହୁ ରଖିବା ଦ୍ୱାରା ମଧ୍ୟ ବାସ୍ତୁ ଦୋଷ ଶାନ୍ତ ହୋଇଥାଏ। ଏହାସହିତ ପୂଜାରେ ମହୁ ମଧ୍ୟ ବିଶେଷ ଭୂମିକା ନେଇଥାଏ। ଏହା ସମସ୍ତ ଦେବୀ-ଦେବତାଙ୍କୁ ଅର୍ପଣ କରାଯାଏ। ଯେଉଁ ଘରେ ପ୍ରତିଦିନ ପୂଜା କରାଯାଏ, ସେହି ଘରେ ସବୁବେଳେ ମଧୁରତା ଲାଗିରହିଥାଏ।

ପାଣି: ଯେବେ ବି ଘରକୁ ଅତିଥି ଆସିବେ ତାଙ୍କୁ ଥଣ୍ଡା ପାଣି ଅବଶ୍ୟ ଦେବା ଉଚିତ। ଏମିତି କଲେ ଜାତକରେ ଥିବା ଦୋଷ ଦୂର ହୋଇଥାଏ।

ଘିଅ: ଘରେ ସବୁବେଳେ ଘିଅ ରଖିବା ଉଚିତ ଏବଂ ନିୟମିତ ରୂପରେ ଏହାର ସେବନ କରିବା ଜରୁରୀ। ଘିଅରୁ ଶକ୍ତି ମିଳିଥାଏ ଏବଂ ଶରୀର ସୁସ୍ଥ ରହିଥାଏ। ଘରେ ପ୍ରତିଦିନ ସଂଧ୍ୟାରେ ଘିଅ ଦୀପ ଜଳାଇବା ଉଚିତ। ପୂଜାରେ ଘିଅର ବିଶେଷ ମହତ୍ତ୍ୱ ରହିଛି, ଏଥିପାଇଁ ଏହାକୁ ଘରେ ରଖିଲେ ଶୁଭ ହୋଇଥାଏ ବୋଲି ପରାମର୍ଶ ଦିଆଯାଇଥାଏ।

ଖାଦ୍ୟ ପସନ୍ଦ ଶୈଳୀରୁ ଜାଣିପାରିବେ ଝିଅଙ୍କ ଲଭ୍ ଲାଇଫ୍ ସମ୍ପର୍କିତ ରୋମାଞ୍ଚକର ତଥ୍ୟ

ଖାଦ୍ୟପେୟରେ ସମସ୍ତଙ୍କ ରୁଚି ଭିନ୍ନ ଭିନ୍ନ ହୋଇଥାଏ। କାହାକୁ ଖଟା ଖାଇବାକୁ ଭଲ ଲାଗୁ ଥିବାବେଳେ କାହାକୁ ମିଠା ଅଧିକ ପସନ୍ଦ ହୋଇଥାଏ। ତେବେ ଆପଣ ଜଣକର ଖାଦ୍ୟ ପସନ୍ଦ ଶୈଳୀରୁ ତାଙ୍କ ଲଭ୍ ଲାଇଫ୍ ସମ୍ପର୍କରେ ଜାଣିପାରିବେ। ତେବେ ଜାଣନ୍ତୁ ଝିଅଙ୍କ ଖାଦ୍ୟରୁଚି ଶୈଳୀରୁ ସେମାନଙ୍କ ଲଭ୍ ଲାଇଫ୍ ସମ୍ପର୍କିତ କିଛି ରହସ୍ୟପୂର୍ଣ୍ଣ କଥା।

ଚକୋଲେଟ୍: ସାଧାରଣତଃ ଝିଅମାନଙ୍କୁ ଚକୋଲେଟ୍ ପସନ୍ଦ ହୋଇଥାଏ। ତେବେ ଅଧିକ ଚକୋଲେଟ୍ ଖାଉଥିବା ଝିଅ ନରମ ସ୍ୱଭାବର ହୋଇଥାନ୍ତି। ସେମାନେ ମୁହାଁମୁହିଁ ସିଧା କଥା କହିଥାନ୍ତି।

ଆଇସ୍‌କ୍ରିମ୍: ଝିଅମାନଙ୍କୁ ଆଇସ୍‌କ୍ରିମ ଖାଇବା ବେଶି ପସନ୍ଦ ହୋଇଥାଏ । ତେବେ ଅଧିକାଂଶ ଝିଅଙ୍କୁ ଷ୍ଟ୍ରବେରୀ ଓ ଚକୋଲେଟ ଆଇସ୍‌କ୍ରିମ୍ ପସନ୍ଦ ଆସିଥାଏ। ସେମାନେ ସ୍ୱଭାବରେ ରୋମାଣ୍ଟିକ୍ ହେବା ସହ ଚଗଲୀ ଥାଆନ୍ତି।

ଆହୁରି ପଢନ୍ତୁ

ମିଠା: ମିଠା ପସନ୍ଦ କରୁଥିବା ଝିଅ ରାଗୀ ସ୍ୱଭାବର ହୋଇଥାନ୍ତି। ସେମାନେ ତାଙ୍କ ପାର୍ଟନରଙ୍କୁ ତାଙ୍କଠାରୁ ଅଲଗା ହେବାକୁ ଦିଅନ୍ତି ନାହିଁ।

କଫି: କଫି ପସନ୍ଦ କରୁଥିବା ଝିଅ ମଧ୍ୟ ରୋମାଣ୍ଟିକ ହୋଇଥାନ୍ତି। ଆତ୍ମନିର୍ଭରଶୀଳ ଓ କର୍ତ୍ତବ୍ୟନିଷ୍ଠା ଏମାନଙ୍କ ସ୍ୱଭାବରେ ସମ୍ପୂର୍ଣ୍ଣ ବାରି ହୋଇପଡେ। ଏମାନେ ପାର୍ଟନରଙ୍କ ବିଶ୍ୱାସୀ ହୋଇଥାନ୍ତି।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଜେଲେନ୍ସ୍କିଙ୍କ ଘୋଡ଼ା

ୟୁକ୍ରେନ ରାଷ୍ଟ୍ରପତି ଭ୍ଲାଦିମିର ଜେଲେନ୍ସ୍କିଙ୍କ ଉପଦେଷ୍ଟାମାନେ ଯଦି ତାଙ୍କୁ ବିଶ୍ୱଗ୍ରନ୍ଥ ଭଗବତ୍ ଗୀତାର ଅନୁବାଦ ପୁସ୍ତକଟିଏ ପଢ଼ିବାକୁ ଉପଦେଶ ଦେଇଥା'ନ୍ତେ ତେବେ ଆମେରିକା ନେତୃତ୍ୱାଧୀନ 'ନାଟୋ'ର ଉସୁକାଣରେ ପଡ଼ୋଶୀ ରୁଷ୍ ସହିତ ସମ୍ମୁଖ ଯୁଦ୍ଧକୁ ଡେଇଁବା ପୂର୍ବରୁ ଅନ୍ତତଃ 'ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାଭହଃ' ପରି ଉପଦେଶ-ଶ୍ଳୋକଟି ତାଙ୍କ ସ୍ମରଣକୁ ଆସିଥା'ନ୍ତା। ହୁଏତ ତା'ଦ୍ୱାରା ୟୁକ୍ରେନ୍ ଆଜି ଧ୍ୱଂସସ୍ତୂପ ହେବାରୁ ବର୍ତ୍ତି ଯାଇଥା'ନ୍ତା। ପାଶ୍ଚାତ୍ୟ ଦାର୍ଶନିକମାନେ କହିଛନ୍ତି ଇତିହାସ ବଡ଼ ନିର୍ଦ୍ଦୟ ଭାବରେ ପାର୍ଶ୍ୱ ପରିବର୍ତ୍ତନ କରେ। ତାହାର ଉଦାହରଣ ମଧ୍ୟ ଏବେ ରୁଷ-ୟୁକ୍ରେନ୍ ଯୁଦ୍ଧରେ ଦେଖିବାକୁ ମିଳିଛି। ଯେଉଁ ଆମେରିକାର ଉସୁକାଣରେ ଏବଂ ନାଟୋର ଆର୍ଥିକ ଓ ସାମରିକ ସହାୟତାରେ ୟୁକ୍ରେନ୍ ରୁଷ ସହିତ ସାମ୍ନାସାମ୍ନି ହେବାକୁ ଆସ୍ପର୍ଦ୍ଧା ଦେଖାଇଥିଲା ସେହି ଆମେରିକା ହିଁ ଏବେ ୟୁକ୍ରେନ୍‌କୁ ଅତି ଅସହାୟ ଅବସ୍ଥାରେ ହାତ ଛାଡ଼ି ଦେଇଛି। ଆମେରିକା ସମ୍ବଳରେ ବଳୀୟାନ୍ ନାଟୋକୁ ଆଉ ଆର୍ଥିକ ସହାୟତା ଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମନା କରିଦେଇଥିବାରୁ ନାଟୋ ମଧ୍ୟ ୟୁକ୍ରେନ୍‌କୁ ସାମରିକ କିମ୍ବା ଆର୍ଥିକ ସହାୟତା ଦେବା ସ୍ଥିତିରେ ନାହିଁ। ତେଣୁ ୟୁକ୍ରେନ ଏବେ ନା ତ ମୂଳ ରୁଷିଆର ହେବ ନା ନାଟୋ ସଦସ୍ୟତାର ଅତ୍ୟାଗ୍ରହ ତା' ପାଇଁ ଲାଭପ୍ରଦ ହେବ। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ଭାବେ କ୍ଷମତାକୁ ଆସିବା ପରେ ରୁଷ-ୟୁକ୍ରେନ୍ ଯୁଦ୍ଧ ସମାପ୍ତି ପାଇଁ ପ୍ରଶଂସନୀୟ ଉଦ୍ୟମ ଆରମ୍ଭ କରିଛନ୍ତି। କିନ୍ତୁ ବିଡ଼ମ୍ବନା ହେଲା ଏହି ଉଦ୍ୟମରେ ସେ ଆଲୋଚନାର ପରିସରକୁ କେବଳ ରୁଷ୍ ସହିତ ସୀମିତ ରଖିଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ମୂଳ ପକ୍ଷ ୟୁକ୍ରେନ୍‌କୁ ବାଦ୍ ଦେଇଛନ୍ତି। ଏଥିରୁ ତାଙ୍କ ଦୃଷ୍ଟିରେ ୟୁକ୍ରେନ୍‌ର ମୂଲ୍ୟ କ'ଣ ତାହା ଅବଶିଷ୍ଟ ବିଶ୍ୱକୁ ବୁଝିବାକୁ ବାକି ନାହିଁ। ଜେଲେନ୍ସ୍କିଙ୍କୁ ଏତିକି ହଟହଟା କରି ଟ୍ରମ୍ପ ବୋଧହୁଏ ଶାନ୍ତ ନଥିଲେ, ତେଣୁ ହ୍ୱାଇଟ୍ ହାଉସରେ ଦୁଇ ପ୍ରତିପକ୍ଷଙ୍କ ଆଲୋଚନା କାଳରେ ସେ ଯେଭଳି ଜେଲେନ୍ସ୍କିଙ୍କୁ ଅତି ଦୟନୀୟ ଭାବେ ଅପମାନିତ, ହତାଦର ଓ ଅପ୍ରୟୋଜନୀୟ ବସ୍ତୁ ଭଳି ବ୍ୟବହାର କଲେ, ତାହା ସମଗ୍ର ବିଶ୍ୱ ଦେଖିଲା। ହ୍ୱାଇଟ୍‌ହାଉସର ଏହା ସବୁଠାରୁ ବଡ଼ କୂଟନୈତିକ ବିଡ଼ମ୍ବନା ଓ ବିଫଳତା ଭାବେ ଅବଶିଷ୍ଟ ବିଶ୍ୱ ଅଭିହିତ କରୁଥିଲେ ମଧ୍ୟ ଟ୍ରମ୍ପଙ୍କ ଦୃଷ୍ଟିରେ ତୃତୀୟ-ବିଶ୍ୱର ସ୍ଥିତି ଓ ମୂଲ୍ୟ କ'ଣ ଏବଂ ଆମେରକାର ସ୍ୱାର୍ଥ ପାଇଁ ସେ କେଉଁସ୍ତରକୁ ଯାଇପାରନ୍ତି ତାହା ବିଶ୍ୱକୁ ଦେଖାଇବାକୁ ଚାହୁଁଥିଲେ। ଇତିମଧ୍ୟରେ ୟୁକ୍ରେନ୍‌କୁ ଆମେରିକା ଦେଉଥିବା ସମସ୍ତ ସହାୟତା ବନ୍ଦ କରିବା ସହିତ ସେହି ଦେଶ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରର ପୁନର୍ବିଚାର କରାଯିବ ବୋଲି ଆମେରିକା ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ବିଶ୍ୱ ଭୂରାଜନୀତିରେ ଆରମ୍ଭ ହୋଇସାରିଥିବା 'ଟ୍ରମ୍ପିଜିମ୍' ୟୁରୋପ ଓ ନାଟୋରେ ନୂଆ ସମୀକରଣ ଲେଖିବାକୁ ଯାଉଛି। ବିଶେଷକରି ଟ୍ରମ୍ପ-ଜେଲେନ୍ସ୍କି ଘଟଣା ୟୁରୋପୀୟ ସଂଘକୁ ଆମେରିକା ବିମୁଖ କରିଛି। ଜେଲେନ୍ସ୍କି ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଖେଳୁଛନ୍ତି ବୋଲି ଟ୍ରମ୍ପ ଅଭିଯୋଗ କରିଥିବା ବେଳେ ଏଥିପାଇଁ ପୁଟିନ୍‌ଙ୍କୁ ଦାୟୀ କରିଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ। କେତେକ ବୈଦେଶିକବ୍ୟାପାର ବିଶେଷଜ୍ଞ 'ଟ୍ରମ୍ପିଜିମ୍' ଆମେରିକାକୁ ଏକଘରିକିଆ କରିଦେବ ବୋଲି ମତ ଦେଉଥିବା ବେଳେ ଆଉ କେତେକ ଡୋନାଲ୍ଡ ଟ୍ରମ୍ପଙ୍କଠାରେ ଆଲେକଜେଣ୍ଡାର ସୁଲଭ ବିଶ୍ୱବିଜୟୀ ଆଭିମୁଖ୍ୟ ଦେଖୁଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଟ୍ରମ୍ପଙ୍କ ଏହି ବିସ୍ତାରବାଦୀ ଆଭିମୁଖ୍ୟ ଗାଜା ଷ୍ଟ୍ରିପ୍ ଓ ୟୁକ୍ରେନ୍‌ର ଦୁର୍ମୂଲ୍ୟ ଖଣିଜ ସମ୍ପଦ ଉପରେ ନିବଦ୍ଧ ଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆଇଏମ୍‌ଇଇସି(ଇଣ୍ଡିଆ ମିଡିଲ୍ ଇଷ୍ଟ ୟୁରୋପ ଇକୋନୋମିକ୍ କରିଡର) ଜରିଆରେ ଭାରତ ପର୍ଯ୍ୟନ୍ତ ଲମ୍ବିପାରେ। ତେଣୁ ଭାରତ ଏଥିପ୍ରତି ସଜାଗ ରହିବା ଏବଂ ବୈଦେଶିକ-କୂଟନୀତିକୁ ସମୟୋପଯୋଗୀ ପରିବର୍ତ୍ତନଶୀଳ କରିବା ଆବଶ୍ୟକ ବୋଲି କୂଟନୀତିଜ୍ଞମାନେ ଚେତାଇ ଦେଇଛନ୍ତି। ଏବେ କିନ୍ତୁ ବିଶ୍ୱବାସୀ ଦେଖୁଛନ୍ତି ୟୁକ୍ରେନ୍ କିଭଳି ଇରାକ୍, ଆଫଗାନିସ୍ତାନର ଦଶା ଭୋଗିବାକୁ ଯାଉଛି। ତତ୍କାଳୀନ ଶୀତଳଯୁଦ୍ଧ ସମୟରେ ସୋଭିଏତ୍ ରୁଷ୍ ଓ ଆମେରିକାର ଶକ୍ତି ପ୍ରଦର୍ଶନର ପ୍ରୟୋଗସ୍ଥଳ ପାଲଟିଥିଲା ଆଫ୍‌ଗାନିସ୍ତାନ। ସୋଭିଏତ୍ ରୁଷ୍‌ର ବିଘଟନ ସହିତ ଶୀତଳଯୁଦ୍ଧର ପରିସମାପ୍ତି ପରେ ଆଶା କରାଯାଉଥିଲା ଯେ ଆଫ୍‌ଗାନିସ୍ତାନ ଯୁଦ୍ଧବିଗ୍ରହର କବଳରୁ ମୁକ୍ତ ହେଲା। କିନ୍ତୁ ସେହି ଯୁଦ୍ଧବିଗ୍ରହ କୋଳରୁ ସେତେବେଳେ 'ତାଲିବାନ୍' ରୂପକ ଆତଙ୍କର ନୂଆ ଅବତାରଟିଏ ଜନ୍ମ ନେଇସାରିଥିଲା ଏବଂ ଅଲ୍‌କାଏଦା ଭଳି ଅନେକ କୁଖ୍ୟାତ ଆତଙ୍କବାଦୀ ସଂଗଠନକୁ ଛାୟା ପ୍ରଦାନ କରି ପରିପୁଷ୍ଟ କରିଚାଲିଥିଲା। ପରବର୍ତ୍ତୀ ସମୟରେ ଆଫ୍‌ଗାନିସ୍ତାନକୁ ଭସ୍ମାସୁର ତାଲିବାନୀଶାସନ ମୁକ୍ତ କରି ଗଣତନ୍ତ୍ର ପ୍ରତିଷ୍ଠା କରିବା ଲକ୍ଷ୍ୟରେ ଆମେରିକା ଯେଉଁ ସାମରିକ କାର୍ଯ୍ୟାନୁଷ୍ଠାନ ନେଲା ତାହା ତ ସାକାର ହେଲା ନାହିଁ, ବରଂ ସେହିଦେଶର ଭିତ୍ତିଭୂମି ଓ ଅର୍ଥନୀତିର ପୁନରୁଦ୍ଧାର ପ୍ରକ୍ରିୟା ଏବେ ସୁଦ୍ଧା ଜାରି ରହିଛି। ଅନୁରୂପ ଘଟଣା ଘଟିଥିଲା ଇରାକ୍‌ରେ, ଯାହାର ପରାଭବ ଏବେ ସେହି ଦେଶବାସୀଙ୍କୁ ଭୋଗିବାକୁ ପଡୁଛି।

୨୧ ମିଲିୟନ ଡ଼ଲାରର ମିଛ ନାଟକ

ଗୋପାଳ ମହାପାତ୍ର

ଆମେରିକାର ରାଷ୍ଟ୍ରପତି ହେବାପରେ ଡ଼ୋନାଲଡ଼ଟ୍ରମ୍ପ ତାଙ୍କର ବୟାନବାଜି ପାଇଁ ଚର୍ଚ୍ଚାରେ ଅଛନ୍ତି। ଏବେ ତାଙ୍କ ବୟାନ ପାଇଁ ଭାରତରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଫେବୃୟାରୀ ୧୫ ତାରିଖ ଦିନ ଟ୍ରମ୍ପଙ୍କ ସହଯୋଗୀ ଏଲନ ମସ୍କ ଡିପାର୍ଟମେଣ୍ଟ ଅଫ ଗଭର୍ଣ୍ଣମେଣ୍ଟ ଏଫିସିଏନ୍ସି (ଡିଓଜିଆଇ) ପକ୍ଷରୁ ଭାରତକୁ ଦିଆଯିବାକୁ ଥିବା ୧୮୨ କୋଟି ଟଙ୍କାର ସହାୟତାକୁ (ୟୁଏସଏଡ଼୍)ରଦ୍ଦ କରିଦେଇଥିଲେ। ଭାରତରେ ଏବେ ଯେଉଁ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି ତାହା ଏଲନମସ୍କ ବନ୍ଦ କରି ଦେଇଥିବା ୧୮୨ କୋଟି ଟଙ୍କାର ସହାୟତା କାରଣରୁ ନୁହେଁ ବରଂ ଏ ପ୍ରସଙ୍ଗରେ ଦେଇଥିବା ସମ୍ବେଦନଶୀଳ ବୟାନ ପାଇଁ। ଫେବୃୟାରୀ ୧୯ ତାରିଖରେ ଟ୍ରମ୍ପ କହିଥିଲେ "ଆମେ ଭାରତକୁ ୧୮୨ କୋଟି ଟଙ୍କା କାହିଁକି ଦେଉଛେ?" ଟ୍ରମ୍ପଙ୍କ ବକ୍ତବ୍ୟ ପ୍ରକାଶ ପାଇବା ପରେ ବିଜେପିର ଅନେକ ପ୍ରବକ୍ତା ରାହୁଲ ଗାନ୍ଧୀଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇବା ଆରମ୍ଭ କରିଦେଲେ। ବିଜେପିର ପ୍ରବକ୍ତା ଗୌରବ ଭାଟିଆ ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ ଆମେରିକା ଦେଇଥିବା ଅର୍ଥ କଂଗ୍ରେସର ରାହୁଲଗାନ୍ଧୀଙ୍କୁ ମିଳିଥିଲା ଓ ରାହୁଲ ଭାରତ ବିରୋଧି ଶକ୍ତିଙ୍କ ସହ ହାତ ମିଳାଇଛନ୍ତି। ଗୌରବ ଭାଟିଆଙ୍କ ଅନୁସାରେ "ରାହୁଲ ଦେଶକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି ଓ ସେ ଚୀନର କମ୍ୟୁନିଷ୍ଟ ପାର୍ଟି ସହ ବୁଝାମଣା କରିଛନ୍ତି ଏବଂ ଆମେରିକାର ଅରବପତି ଜର୍ଜ ସୋରେସଙ୍କ ସହ ତାଙ୍କ ନାମ ଯୋଡିହୋଇଯାଇଛି। ଝାରଖଣ୍ଡର ବିଜେପି ସାଂସଦ ନିଶିକାନ୍ତ ଦୁବେ ଆଉ ପାଦେ ଆଗେଇ ଯାଇ କହିଥିଲେ ଯେ ଦେଶରେ ଯେତେସବୁ ଆନ୍ଦୋଳନ ହେଉଛି ତା ପଛରେ ୟୁଏସ୍?ଏଡ଼ର ହାତ ରହିଛି।

ଭାରତକୁ ୟୁଏସ୍?ଏଡ଼ ଏବେ ଆସୁନାହିଁ ୧୯୬୧ ମସିହାଠାରୁ ଆସୁଛି। ଆମେରିକାର ରାଷ୍ଟ୍ରପତି ଜନଏଫ କେନେଡିଙ୍କ ଦ୍ୱାରା-ୟୁଏସ୍ ଏଜେନ୍ସୀ ଫର ଡ଼େଭଲପମେଣ୍ଟ ବା ୟୁଏସଏଡ଼ର ସ୍ଥାପନା କରାଯାଇଥିଲା। ସେ ସମୟରେ ଆମେରିକା ସୋଭିଏତ ସଂଘ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥିଲା। ସୋଭିଏତ ସଂଘର ପ୍ରଭାବକୁ ରୋକିବା ପାଇଁ ଆମେରିକା ସରକାର ବିଭିନ୍ନ ଦେଶକୁ ଅର୍ଥ ସହାୟତା କରୁଥିଲେ। କେନ୍ଦ୍ରରେ ଯେତେବେଳେ ଯିଏ ସରକାରରେ ରହିଛନ୍ତି ସମସ୍ତଙ୍କ ସମୟରେ ଏହି ଅର୍ଥ ଭାରତକୁ ମିଳିଛି। ଭାରତ ସରକାର ଚାହିଁଲେ ଏ ପ୍ରସଙ୍ଗରେ ଶ୍ୱେତପତ୍ର ଜାରି କରିପାରନ୍ତି କିମ୍ବା ଜେପିସି ଗଠନ କରି ଏହାର ତଦନ୍ତ କରାଇପାରନ୍ତି କେବେ କେଉଁ କେଉଁ ସଂଗଠନ, କେଉଁ କେଉଁ ମନ୍ତ୍ରଣାଳୟ ବା ସ୍ୱେଚ୍ଛାସେବୀ ସଂଗଠନକୁ ୟୁଏସ୍‌ଏଡ଼ ମାଧ୍ୟମରେ କେତେ ଟଙ୍କା ମିଳିଛି। କିନ୍ତୁ ପ୍ରକୃତ ସତ୍ୟ ହେଉଛି ୨୦୦୦ ପରଠାରୁ ଏଯାବତ୍ ଭରତକୁ ୩ ବିଲିୟନ ଡ଼ଲାରର ୟୁଏସଏଡ଼ ମିଳିଛି। କୋରେନା ମହାମାରି ବେଳେ ୬ନିୟୁତ ଡ଼ଲାର ଭାରତ ସରକାରଙ୍କୁ ମିଳିଥିଲା। ଏବେ ୨୦୨୩ରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ଆମେରିକାରେ ୟୁଏସଏଡ଼ର ମୁଖ୍ୟ ସାମନ୍ଥା ପାଓ୍ୟାରଙ୍କ ମଧ୍ୟରେ ଏଇ ଏଡ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଡ଼ୋନାଲଡ଼ଟ୍ରମ୍ପ ଯଦିଓ ଭାରତରେ ଭୋଟଦାନ ହାର ବଢାଇବା ପାଇଁ ୟୁଏସଏଡ ଦିଆଯାଇଛି ବୋଲି କହି ରାଜନୈତିକ ଝଡ଼ ସୃଷ୍ଟି କରିପାରିଛନ୍ତି କିନ୍ତୁ ପ୍ରକୃତ ସତ୍ୟ ହେଉଛି ଯେବେଠାରୁ ଆମେରିକା ପକ୍ଷରୁ ୟୁଏସଏଡ଼ ଆରମ୍ଭ ହୋଇଛି ସେବେଠାରୁ ଏପର୍ଯ୍ୟନ୍ତ ଭାରତକୁ ପାଖାପାଖି ୧୪ ବିଲିୟନ ଡ଼ଲାର ସହାୟତା ମିଳିଛି।

ଯେଭଳି ଭାବେ ବିଜେପି ଏବଂ କଂଗ୍ରେସ ଉଭୟେ ପରସ୍ପରକୁ ୟୁଏସଏଡ଼ ପ୍ରସଙ୍ଗରେ ଦୋଷାରୋପ କରୁଛନ୍ତି ସେଥିରୁ ଲାଗୁଛି ଯେ ସତେ ଯେମିତି ଏ ପ୍ରସଙ୍ଗରେ ସତ୍ୟାସତ୍ୟ ଜାଣିବା ପାଇଁ କୌଣସି ମାଧ୍ୟମ ନାହିଁ, ବର୍ଷ ବର୍ଷ ଧରି ମିଳୁଥିବା ଏହି ଏଡ଼ (ସହାୟତା) କେବେ କେବେ ମିଳୁଥିଲା ଓ ଏହି ଅର୍ଥରେ କ'ଣ ସବୁ ହେଉଥିଲା? ବାସ୍ତବରେ ଏହାକୁ ଜାଣିବା ଅତି ସହଜ। ଭାରତକୁ ବିଦେଶରୁ ଯେତେବେଳେ ଯେଉଁ ଅର୍ଥ ଆସିଛି ସେ ବାବଦରେ ସରକାରଙ୍କ ପାଖରେ ତଥ୍ୟ ରହିଛି। ଫରେନ କଣ୍ଟ୍ରିବ୍ୟୁସନ ରେଗୁଲେଶନ ଆକ୍ଟ(ଏଫସିଆରଏ) ଅନୁସାରେ ବିଦେଶରୁ ଆସୁଥିବା ଅର୍ଥ ବାବଦରେ ସରକାରଙ୍କ ନଜର ଥାଏ। ଭାରତର ଯେଉଁ ସବୁ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ ମାନେ ଆମେରିକାର ଥିଙ୍କଟ୍ୟାଙ୍କା ବା ବେସରକାରି ସଂସ୍ଥା ମାଧ୍ୟମରେ ଅର୍ଥ ପାଇଛନ୍ତି ସେସବୁ ସଂସ୍ଥା ପଞ୍ଜିକୃତ ସଂସ୍ଥା ଅଟନ୍ତି। ଅନେକବାର ଏଭଳି ଅର୍ଥ ଜାତିସଂଘ, ବିଶ୍ୱବ୍ୟାଙ୍କ ଏବଂ ଅନ୍ୟ ଏଜେନ୍ସୀ ମାଧ୍ୟମରେ ମଧ୍ୟ ଆସିଥାଏ। ଏସବୁ ରେକର୍ଡ ଭୁକ୍ତ ହୋଇଥାଏ କାରଣ ଏହି ଅର୍ଥ ଭାରତ ସରକାରଙ୍କୁ ସିଧାସଳଖ ମିଳିନଥାଏ କିନ୍ତୁ ଭାରତ ସରକାରଙ୍କ ଜାଣତରେ ଆସିଥାଏ। ଭାରତରେ କାର୍ଯ୍ୟରତ କୌଣସି ବି ବେସରକାରୀ ସଂଗଠନ, ମିଡିଆ ସଂସ୍ଥା ବା ନିର୍ବାଚନ ସହ ଜଡ଼ିତ ବିଭିନ୍ନ ପ୍ରୋଜେକ୍ଟକୁ ଦିଆଯାଇଥିବା ଏହି ଧନରାଷି ନିୟମାନୁସାରେ ଆସିଥାଏ ଏଣୁ ଏବେ ଆମେରିକାରୁ ମିଳିଥିବା ୨୧ ନିୟୁତ ଡ଼ଲାରକୁ ନେଇ ଯେଉଁ ରାଜନୈତିକ ଝଡ଼ ଆରମ୍ଭ ହୋଇଛି ତାହାର କିଛି ମୂଲ୍ୟ ନାହିଁ। ଏହା କେବଳ ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଯେଉଁମାନେ ଜାଣନ୍ତିନାହିଁ ଯେ ଏହି ସହାୟତା କେମିତି ଆସେ।

ବିଜେପି ପ୍ରବକ୍ତା ଓ ସାଂସଦ ଏବେ ସାମ୍ବାଦିକ ସମ୍ମିଳନୀରେ ଯେଉଁ ସବୁ ଅଭିଯୋଗ କରିଛନ୍ତି ସେ ବାବଦରେ ସତ୍ୟାସତ୍ୟ ଜାଣିବା ପାଇଁ ତାଙ୍କ ଦଳର ସରକାରଙ୍କୁ କହି ଏ ବାବଦରେ ତଦନ୍ତ କରାଇ ପାରିବେ ଓ ୟୁଏସଏଡ ସମ୍ପର୍କରେ ପ୍ରକୃତ ତଥ୍ୟ ଜାଣିପାରିବେ। ଏକଥା ଜଟିଳ ନୁହେଁ ବରଂ ଜଟିଳ ହେଉଛି କେବଳ ଏକ ସରକାର ସପକ୍ଷବାଦୀ ପରିବେଷ ସୃଷ୍ଟିକରିବା। ଭାରତକୁ ଯେତେସବୁ ବିଦେଶୀ ଅର୍ଥ ଆସୁଛି ସେସବୁ କିଛି ନିର୍ଦ୍ଧାରିତ ଆକାଉଣ୍ଟକୁ ଆସିଥାଏ ଏବଂ କେତେକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଏଥିପାଇଁ ଅଧିକୃତ। ଏଣୁ ଏହାକୁ ଚପାଇବା ସହଜ ନୁହେଁ। ଏହା ସତ୍ତ୍ୱେ କେବଳ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଭଳି କରାଯାଉଛି। ସବୁ ରାଜନୈତିକ ଦଳମାନେ ଏକଥା ମଧ୍ୟ ଜାଣନ୍ତି। ଯଦି ବିଜେପି ଅଭିଯୋଗ କରୁଛି ମୋଦୀଙ୍କୁ ହଟାଇବା ପାଇଁ ଏହି ଅର୍ଥ ଆସିଥିଲା ତେବେ କ'ଣ ମନମୋହନ ସରକାରଙ୍କୁ ହଟାଇବା ପାଇଁ ଆନ୍ନାହଜାରେ ପ୍ରଭୃତିଙ୍କୁ ଅର୍ଥ ମିଳିଥିଲା? କୁହାଯାଏ ଯେ ମିଛର ପାଦ ନଥାଏ କିନ୍ତୁ ପରଥାଏ। ଏହାର ଏକ ନିଛକ ଉଦାହରଣ ହେଉଛି ବିଗତ କିଛି ଦିନ ହେବ ଆମେରିକାର ୨୧ ନିୟୁତ ଡ଼ଲାରକୁ ନେଇ ଯାହାସବୁ ଚାଲିଛି, ଏସବୁରୁ ଗୋଟିଏ କଥା ସ୍ପଷ୍ଟ ଯେ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏମିତି ସବୁ ଚାଲିଛି। ଇଣ୍ଡିଆନ ଏକ୍ସପ୍ରେସ ସମ୍ବାଦପତ୍ର ପକ୍ଷରୁ ଏ ପ୍ରସଙ୍ଗରେ ଖୋଳତାଡ କରାଯାଇ ଏକ ସମ୍ବାଦ ପ୍ରକାଶ ପାଇଛି ଯେଉଁଥିରେ ଏସବୁ କପୋଳ କଳ୍ପିତ ବୋଲି ଲେଖାଯାଇଛି। ଇଣ୍ଡିଆନ ଏକ୍ସପ୍ରେସ ଲେଖିଛି ଯେ ଭାରତକୁ ଏମିତି ୨୧ ନିୟୁତ ଡ଼ଲାର ଆମେରିକା ଦେଇନାହିଁ। କିନ୍ତୁ ବଙ୍ଗଳାଦେଶକୁ ଦେଇଛି। ବୋଧହୁଏ ଏଲନ ମସ୍କ ବଙ୍ଗଳାଦେଶ ବଦଳରେ ଭାରତର ନାଁ ନେଇଛନ୍ତି। ଭାରତ ସରକାରଙ୍କ ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଯେଉଁ ତଥ୍ୟ ପ୍ରଦାନ କରାଯାଇଛି ସେଥିରେ ୟୁଏସଏଡ଼ ଭାରତକୁ ଦେଇଥିବା ସମସ୍ତ ଅର୍ଥ ବାବଦରେ ତଥ୍ୟ ରହିଛି କିନ୍ତୁ ନିର୍ବାଚନ ସହ ଜଡିତ ଗ୍ରାଣ୍ଟ(ଅର୍ଥ) ବାବଦରେ କୌଣସି ସୂଚନା ନାହିଁ। ଯେଉଁ ୟୁଏସଏଡ଼କୁ ଦେଶ ପାଇଁ ବିପଦ ବୋଲି କୁହାଯାଉଛି ସେଥିରେ ବିଜେପିର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କର ସମ୍ପର୍କ ରହିଛି। ସ୍ମୃତି ଇରାନୀ ୟୁଏସଏଡ଼ର ଆମ୍ବାସଡ଼ର ରହିଥିଲେ । ବିଜେପି ନେତାମାନେ ୟୁଏସଏଡ଼ ପ୍ରତିନିଧିଙ୍କ ସହ ଉଠାଇଥିବା ଅନେକ ଫଟୋ ଏବେ ଭାଇରାଲ ହେବାରେ ଲାଗିଛି।

ଏସବୁ ପରେ ବିଜେପି କରୁଥିବା ମିଥ୍ୟା ପ୍ରଚାରକୁ ପାଇଁ ୩ଟି ଯୁକ୍ତି ଦର୍ଶାଯାଇଛି କିନ୍ତୁ ସେ ସବୁ ହାସ୍ୟାସ୍ପଦ। ଆମେରିକାର ଓ୍ୟାସିଂଟନ ପୋଷ୍ଟ ଖବରକାଗଜରେ ପ୍ରକାଶିତ ସମ୍ବାଦରୁ ବିଜେପି ପକ୍ଷରୁ ଦିଆଯାଇଥିବା ସବୁ ଯୁକ୍ତି ମିଥ୍ୟା ବୋଲି ପ୍ରମାଣିତ ହୋଇଛି। ଓ୍ୟାସିଂଟନ ପୋଷ୍ଟରେ ପ୍ରକାଶିତ ସମ୍ବାଦରୁ ସ୍ପଷ୍ଟ ଯେ ଟ୍ରମ୍ପ ମିଛି କହିଛନ୍ତି। ଟ୍ରମ୍ପ ପ୍ରଥମଦିନ କହିଥିଲେ "ନିର୍ବାଚନରେ ଅନ୍ୟ କାହାକୁ ଜିତାଇବା ପାଇଁ ଅର୍ଥ ଦିଆଯାଇଥିଲା।" ଦ୍ୱିତୀୟଦିନ କହିଥିଲେ "ଏହି ଅର୍ଥ ଭାରତ ମାଧ୍ୟମରେ ଆମେରିକାର ଡ଼େମୋକ୍ରେଟିକ ପାର୍ଟିର ନେତାଙ୍କୁ ଦିଆଯାଇଥିବା ଲାଞ୍ଚ। ତୃତୀୟ ଦିନ କହିଥିଲେ ଏହି ଅର୍ଥ "ମୋ ବଂଧୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିର୍ବାଚନରେ ଭୋଟଦାନ ହାର ବଢାଇବାପାଇଁ ଦିଆଯାଇଥିଲା।" ୪ର୍ଥ ଦିନ ୨୧ ବଦଳରେ ୧୮ ନିୟୁତ ଡ଼ଲାର ଦିଆଯାଇଥିଲା ବୋଲି କହିଥିଲେ।" ଯେତେବେଳେ ଟ୍ରମ୍ପ ମୋଦୀଙ୍କ ନାମ ନେଇଥିଲେ ସେତେବେଳେ ଭାରତର ପ୍ରମୁଖ ଗଣମାଧ୍ୟମ ମାନେ ଏକଥା ପ୍ରଚାର ପ୍ରସାର କରିବା ପାଇଁ ସାହସ ଜୁଟାଇ ପାରିନଥିଲେ, ଏହା ଟ୍ରମ୍ପଙ୍କ ମିଛ ବୋଲି ସେମାନେ ପ୍ରଚାର ପ୍ରସାର କଲେ। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ମିଛ କଥାଟାକୁ ପ୍ରମୁଖ ଗଣମାଧ୍ୟମ ମାନେ ଯେଭଳି ପ୍ରଚାର ପ୍ରସାର କରିଥିଲେ ସତ କଥାକୁ ସେତିକି ଗୁରୁତ୍ୱ ଦେଲେନାହିଁ। ୟୁଏସଏଡ଼ ହୋ ହାଲ୍ଲାରେ ମହାକୁମ୍ଭ ଏବଂ ଦିଲ୍ଲୀ ରେଳଷ୍ଟସନରେ ସରକାରଙ୍କ ଅପାରଗତା ଯୋଗୁଁ ହୋଇଥିବା ମୃତ୍ୟୁର ଖବର ଚାପି ହୋଇଗଲା। ମିଛର ସୌଦାଗରଙ୍କ କାମ ହୋଇଗଲା। ଏଇଥିପାଇଁ ଚାଲେ ଫେକ୍ ନ୍ୟୁଜର କାରବାର।

+ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ବ୍ୟାଙ୍କିଙ୍ଗ ସେବା: ବ୍ୟକ୍ତିଗତ ଋଣ ନେଇ ଅଜଣା ତଥ୍ୟ

ଦୁର୍ଗା ପ୍ରସାଦ ସ୍ୱାଇଁ

ଆପଣ ଆର୍ଥିକ ସୁବିଧା ପାଇଁ ବ୍ୟାଙ୍କ ସହ ସୁସମ୍ପର୍କ ଭିତରେ ଋଣ ନେଉଛନ୍ତି କି? ଆମେ ସମସ୍ତେ ଏହା ଜାଣୁ କେବଳ ଭାରତୀୟ ଅର୍ଥନୀତି ନ

ମୋ ସୁନାଝିଅ
ଶରତ କୁମାର ଦାସ

ଝିଅ ବୋଲି ତୁ କ'ଣ ଅଖୋଜା ଅଲୋଡା
ମଧ୍ୟାହ୍ନ ମରୁଭୂମିର ଖରା ଟାଇଁଟାଇଁ !
ତୁ କ'ଣ ବାଟଭଙ୍ଗା ନଈଟିଏ
ଧାଉଁଥାଉ ଅବିରତ ଦୁଇକୂଳ ଖାଇ !
ତୁ କ'ଣ ଚତୁର୍ଦ୍ଦଶୀ ଜହ୍ନର ସଫେଦ ଆଲୁଅ
ନା କଳା କିଟିକିଟି ଉଆଁସ ଅନ୍ଧାର !
କେମିତି କହିବି ତତେ ମୁଁ
ତୁ ପରା ମୋ ପୃଥିବୀର ଅକ୍ଷ୍ୟାଂଶ ଦ୍ରାଘିମା ;
ତୁ ଥିଲେ ପାଖେ ମୋ ଇଚ୍ଛାମାନଙ୍କର
ଲାଗେ ଲମ୍ବା ପଟୁଆର
ପୀୟୂଷର ଧାରେ ଭିଜୁଥାଏ ନିତି ବାରବାର।
ତୁ ମୋ ଝିଅ, ସୁନାଝିଅ
ଆଷାଢର ଆଶାବରି
ପହିଲି ବର୍ଷାର ମଧୁର ମୂର୍ଚ୍ଛନା
ଶ୍ୟାମଳ ଶ୍ରାବଣ ସଂଜର ମେଘକୁ ଆଡେଇ
ମାଟିମଗ୍ନା ମୁଠାଏ କଅଁଳ ମଧୁର ଜୋଛନା।
ତୋ ହସରେ ହସେ କିରିକିରି
ଅଶିଣ ଆକାଶର ସୋରିଷ ରଙ୍ଗର ଖରା,
ଖୁସିରେ ତଲ୍ଲୀନ ନୀଳକଇଁ
ବାଟଚାହିଁ ବସିଥାଏ ଛୁଇଁବାକୁ ଜହ୍ନର ପସରା ।
ଶୀତ ସକାଳର ଜଳଜଳ କାକର ବିନ୍ଦୁରେ
ତୁ ଝଲମଲ ଅମୂଲ୍ୟ ମୁକୁତା
ମାର୍ଗଶିର ମାଣବସା ଗୁରୁବାରେ
ଦାଉଦାଉ ଦିଶୁଥିବା ମୋ ଅଗଣାର
ତୁ ଧୋବ ଫରଫର ଲକ୍ଷ୍ମୀପାଦ ଚିତା ।
ତୁ ମୋ ନିଃଶ୍ୱାସର ପୁଲକିତ ବିଶ୍ୱାସ
ମୋ ଆତ୍ମାର ତୁ ଛାଜ୍ୱଲ୍ୟ ପ୍ରକାଶ
ତୁ ମୋ ହୀରା ତୁ ମୋ ମୋତି
ମୋ ଜୀବନର ତୁ ଅସରନ୍ତି ପୁଣ୍ୟଗୀତି ।
ତୋତେ ଦେଖି ଫଗୁଣର ଚଲାବାଟେ
ବସେ ଫୁଲଙ୍କର ମନରୋମ ହାଟ
ମହମହ ବାସ୍ନାରେ ଭିଜୁଥାନ୍ତି ଯେତେ
ନଈ, ନାଳ, ବିଲ, ବଣ, ପାଟ ।
ଏମିତି ତୁ କଥାକୁହା କଣ୍ଢେଇଟିଏ
ମୋ ମୂର୍ଚ୍ଛାହତ କ୍ଷତାକ୍ତ ପ୍ରାଣର
ତୋ ଦରୋଟି କଥାରେ ଦୂରହୁଏ
ନିଶାଦର ଆରଣ୍ୟକ ଭୋକ ।
ତୋ କାନ୍ଦୁରା ହସର କାଉଁରୀ ଛୁଆଁରେ
ହଟିଯାଏ ଅବସୋସ, ଅନ୍ତର୍ଦାହ ଯେତେ
ଲମ୍ଫ ଦିଅନ୍ତି ଅବିଶ୍ୱାସର ଅଶୌଚ ଆଚରଣ
ଅଆତ୍ମୀୟତାର ଉଜାଙ୍ଗ ଉଜାରଣ।
ଦୂରେଇଯାଏ ବିଷାଦିତ ସ୍ୱପ୍ନ
ମୋ ଆଖିହଳକରୁ,
ହାତଠାରି ଡାକୁଥାଏ ଗୋଟେ କୁସୁମିତ
ସରଳ ବିଶ୍ୱାସର ଦେଶ।
ଶତାବ୍ଦୀର ସବୁତକ ସ୍ୱପ୍ନ ପରଝାଡି
ଉଡୁଥା'ନ୍ତୁ ଫଡଫଡ ତୋ ଆଖିହଳକରେ
ପାହାନ୍ତିଆ ତାରା ପରି ଝଲମଲ ହେଉଥା'
କାକରପଖଳା ରାତିର ଶେଷ ପହରରେ ।
ମୋ ଆୟୁଷକୁ ତୋ ଆୟୁଷରେ
ଯୋଡ଼ିଦେଇ
ହସୁଥା' ତୁ ଚିରକାଳ ପାଇଁ
ରତ୍ନଗର୍ଭା ପୃଥିବୀର ସବୁଜ ଛାତିରେ ।

ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ,
ବଡବିଲ, ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

ଶିଉଳି
ଲକ୍ଷ୍ମୀପ୍ରିୟା ମାଇତି

ରୂପସୀଙ୍କ ରୂପରେ ଝଲସେ ନଈ
ପାହାଚରେ ପଡେ ଶିଉଳି
ଶିଉଳି ଅଛି ମେନକା ମନରେ,
ଉର୍ବଶୀର ଉରୁରେ, ରମ୍ଭାର ରତିରେ।

ଗଢିଛି ଶିଉଳି ଶତ ଶତ ଇନ୍ଦ୍ର,
ଶତ ଚନ୍ଦ୍ର, ଶତ ସୂର୍ଯ୍ୟ, ସତ ବାୟୁ
କେତେ କେତେ କୁନ୍ତୀ, ଯେତେ ଯେତେ
ଅହଲ୍ୟା, ସେତେସେତେ ରତି କନ୍ଦର୍ପ।

ଶିଉଳି ଉପର ଶାଉଁଳା, ଭାରି ନରମ
ଭାରି ବିରାମ
ଶୋଇପାରିଲେ ହେଲା, ବସିପାରିଲେ ହେଲା,
ଦାଣ୍ଡି ପାରିଲେ ହେଲା
କିନ୍ତୁ ପାରିବାଟା ଏତେ ସହଜ ନୁହଁ
ଯେତେ ବଳୁଆଟେ ହେଲେ ବି, ଯେତେ
କାଢୁଆଟେ ହେଲେ ବି, ହେଲେ ବି ହେଉ
ଯେତେ ଚତୁଆ, ଭାଡୁଆ, ମାଡୁଆ।
ସୁନ୍ଦରୀକୁ ସମ୍ଭାଳିବାଟା କଣ ଏତେ ସହଜ !
ଜମାରୁ ନୁହଁ, ବିଲକୁଳ ନୁହଁ
ହୃଦୟ ନୁହଁ, ହାଡ଼ ବି ନୁହଁ, ରକ୍ତ ବି ନୁହଁ
ପୁରୁଷ ନୁହଁ, ପୁରୁଷତ୍ୱ ନୁହଁ।

କାରଣ ସୁନ୍ଦରୀ ଭିତରେ ପ୍ରବଳ ଶିଉଳି
ଆଧୁନିକତାର ଐଶ୍ୱର୍ଯ୍ୟ ନାଚରେ ଶିଉଳି,
ନେହାର ଗୀତରେ ଶିଉଳି
ଅଙ୍ଗନାର ଅଙ୍ଗରେ ବି ଶିଉଳି
ଶିଉଳି ପଡିଛି ଘାଟରେ, ବାଟରେ, ଘରେ,
ଶୌଚାଳୟରେ, ଗଳି ଗଳି,
ସବୁ ଅରଗଳି, ସବୁଠି ତା ଅରଦଳୀ।

ସମ୍ପାଦିକା - ଅନ୍ତରୀକ୍ଷ
ମୋ - ୯୪୩୯୫୩୭୫୯୨

ପ୍ରଣମ୍ୟ ପ୍ରକୃତି
ବେଣୁଧର ସୂତାର

ସୃଷ୍ଟିର ଆରମ୍ଭେ ତୋର
କାଳଜୟୀ ସ୍ଥିତି ହେ ମାତା ପ୍ରକୃତି
ତୋର ଅନୁକଂପାରେ ପୂରିତ
ଏଇ ଆକାଶ ଧରିତ୍ରୀ
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା
କେତେ ସସାଗରା ଧରା
ଯୁଗପତ୍ ଜାଗତିକ ଅନନ୍ତ ବ୍ୟାପୃତି ॥

ମାଆ ତୁମେ ଚିରନ୍ତନୀ
ଚିତ୍ ଶକ୍ତିର ଉତ୍ସ
ସକଳର ଜୀବନ ନିର୍ଯ୍ୟାସ
ପ୍ରଣବ ପ୍ରାଣ ଉପାଦାନ
ସବୁ ତୁମ ବରଦାନ
ଯା, ଲାଗି ଗାଉଛି ଏ ଜୀବ ଜଗତ
ନିତ୍ୟନୂତନେ ମଧଛନ୍ଦେ ମଧୁସ୍ୱନ
ଯାବତ ଜୀବନ ॥

ଜୀବନ ଧାରଣେ ଏ ଧରଣୀ
ତୋର ଅନୁଗ୍ରହେ
ତ୍ୟାଗ ତରଙ୍ଗିତ ଅଙ୍ଗେ ଯାର
ମମତାର ମଧୁର ପ୍ଲାବନ
ପରମ ସୁଖ ଦାୟିନୀ
ହେ ଅନନ୍ତ ଜନନୀ
ସଞ୍ଜୀବନୀ ସୂତ୍ରେ ବନ୍ଧା ତୋର
ଦିବ୍ୟ ସୃଜନର ବିମୁଗ୍ଧ ବୈଚିତ୍ର୍ୟ
ମଧୁକ୍ଷରା ବସୁମତୀ ବକ୍ଷ
କରିଅଛି ରସାଣିତ ମମତା ପୂରିତ
ତୁମରି ନିବିଡ଼ ସଙ୍ଗତି ସୁଖରେ
ଭରିଦିଏ ମାତୃତ୍ୱର ବିପୁଳ ଚୁମ୍ବନ
ଶୂନ୍ୟତାର ପରିଧି ବଳୟେ ତୁମେ
ପୂର୍ଣ୍ଣତାର ମଧୁମୟ ଧାରା
ଅପୂର୍ବ ସମନ୍ୱୟ ସୂତ୍ରେ ସ୍ନେହାପ୍ଲୁତ
ଦିବ୍ୟ ଆଲିଙ୍ଗନ ॥

ଜଳ ସ୍ଥଳ ଆକାଶ ବକ୍ଷରେ
ଭରିଅଛ ଦିବ୍ୟ ପୀୟୂଷ ପରଶ
ଭୂମି ଠାରୁ ଭୂମା ପରିପୂର୍ଣ୍ଣ
କୋଳାହଳମୟ ଜୀବନର
ଭବ୍ୟ ବରଦାନ
ଜାଳି ଅଛ ନିଖିଳ ଅନ୍ତରେ
ଆତ୍ମୀୟତାର ପୁଣ୍ୟ ଦୀପାୟନ
ତୁମରି ଅସୀମ ଆଲିଙ୍ଗନେ
ଏ ସୃଷ୍ଟିର ସ୍ଥାବର ଜଙ୍ଗମ
ତୁମରି ସଲିଳ ତୁମରି ଅନିଳ
ଆଲୋକର ଅପୂର୍ବ ସଙ୍ଗମ
ବ୍ୟାପ୍ତି ଓ ଦୀପ୍ତିରେ ତୁମେ
ଅଙ୍ଗେଅଙ୍ଗେ ଭରିଦିଅ ଜୀବନ ସ୍ପନ୍ଦନ ॥

ଆକାଶର ଅଧିବାସୀ
ଗ୍ରହ ତାରା ସୂର୍ଯ୍ୟ ଶଶୀ
ମାଆ ତୋର ଅନନ୍ତ ଅଙ୍ଗନେ
ଯୁଗ ଯୁଗ ବିମଳ ବିଳାସୀ
ବିବର୍ଦ୍ଧନର ତୁମେ ବିବର୍ତ୍ତିତା
ପରମ ପାବନୀ ହେ ପ୍ରକୃତି ମାତା
ସ୍ନେହ ପ୍ରେମ ମମତା ତରଙ୍ଗେ
ଚିର ଉଦ୍‌ଭାସିତ ତୁମ ଉଦାରତା
ଚିନ୍ମୟୀ ତୁମେ ଚିରନ୍ତନୀ
ଓଁକାର ଝଙ୍କାରମୟୀ
କାଳରୁ କାଳାନ୍ତର ନିରନ୍ତର ଗତି
ମୋ ପ୍ରାଣ ଶକ୍ତିର ନିଭୃତ କୋଣରୁ
କରୁଅଛି ମାତା ତୋତେ ପବିତ୍ର ପ୍ରଣତି ॥

କେଶଦୁରାପାଳ, କେନ୍ଦୁଝର
ମୋ:୯୧୭୮୫୬୮୨୪୬

ପ୍ରେମ ଦରବ
ଜୟଶ୍ରୀ ପଟ୍ଟନାୟକ

ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ
ଯିଏ ବୁଝିଛିରେ ତା ମୂଳ ଜୀବନେ
ପାଇନାହିଁ କେବେ ଦୁଃଖ ।

ପ୍ରେମର ହିସାବ ପ୍ରେମୀଟିଏ ଜାଣେ
କେତେ ପାଏ କେତେ ନାହିଁ
ସତ ପ୍ରେମ ପଥେ ବାଧା ଯେତେ ଆସୁ
ପ୍ରେମ କେବେ ହାରେ ନାହିଁ
ଚୋରା ପୀରତିରେ ଥାଏ ତ ଛଳନା
ଦିଏ ବେଦନା ଅଧିକ
ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ ।

ରାଧା କରିଥିଲା ପ୍ରେମ ମୋହନକୁ
ମୀରା ବି ତ କରିଥିଲା
ରୁକ୍ମିଣୀର ଥିଲା ଅଧିକ କଂହେଇ
କାହା ଭାଗରେ ନଥିଲା
ସମର୍ପଣ ଭାବ ରହିଲେ ପ୍ରେମରେ
କେବେ ଦିଏନାହିଁ ଦୁଃଖ
ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ ।

ଶରୀର ଚିନ୍ତା କରଇ ଯେ ନର
ପ୍ରେମ ତ ତା ଲାଗି ବସ୍ତୁ
ବୈଶାଖୀ ଝାଞ୍ଜି ଆଣଇ ଜୀବନେ
ଆସେନି ଫଗୁଣ ଋତୁ
ଦୁଃଖ ବିରହରେ ନିତି ସ୍ନାନ କରି
ହରାଏ ପ୍ରେମ ମହକ
ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ ।

ଗଙ୍ଗନଗର ଛକ, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

ସ୍ମରିବା ଗୌରବ କଥା
ରୋହିତ ସେଠୀ

ଭାବର ଆଦାନ ପ୍ରଦାନ ସକାଶେ
ଲୋଡ଼ା ହୁଏ ଯେଉଁ ଭାଷା
ସେ ଭାଷା ଉପରେ ପଡ଼ି ଅଛି ବନ୍ଧୁ
ଭାରି ଦୟନୀୟ ଦଶା ।

ନେତା ମନ୍ତ୍ରୀ ହେଉ ଅବା ବୁଦ୍ଧିଜୀବୀ
ଶିକ୍ଷିତ ସମାଜ ଯାଏଁ
କେବଳ କେବଳ ଆଜିର ଦିନରେ
ଅସ୍ମିତାର ଗାଥା ଗାଏ ।

ଓଡ଼ିଆ ଅସ୍ମିତା ରକ୍ଷା କରିବାକୁ
କେତେ ଯେ ଶପଥ ହୁଏ
କାର୍ଯ୍ୟକାରୀ ନୁହେଁ,କାଗଜ ପତ୍ରରେ
ସବୁ କାମ ରହିଯାଏ ।

ଆସ ଆସ ଯେତେ ମାତୃଭାଷା ପ୍ରେମୀ
ସ୍ମରିବା ଗୌରବ କଥା
ଆମରି ଭାଷାର ସୁରକ୍ଷା ଲାଗିରେ
କରିବା ଟିକିଏ ଚିନ୍ତା ।

ଆମରି ପୂର୍ବଜ ବ୍ୟାସକବି ଆଉ
ସ୍ୱଭାବ କବିଙ୍କ ପରି
ମାତୃଭାଷା ଲାଗି ସାଜିବା ଆମେରେ
ଦକ୍ଷ ସୁରକ୍ଷା ପ୍ରହରୀ ।

ଖଜୁରୀପଡ଼ା,କଂଧମାଳ
ମୋ: ୭୭୩୫୨୧୪୩୭୯

ସନେଟ୍ : ତୋ ପାଇଁ ମୁଁ..
ସୁବାସ ଚନ୍ଦ୍ର ସାହାଣୀ

ହେ ବାଂମୟୀ! ଚିର ହୃନ୍ମୟୀ! ତୁ ହିଁ ତ ମୋର ପ୍ରିୟ ପ୍ରିୟତମ ଧାରା ଧରା,
ତୋ ପାଇଁ ମୁଁ ଜୀବନେ ନାଇଛି ଚାରୁ ଚନ୍ଦନ ଟିକା। ତମ ତାମସୀର ଅନ୍ଧ ବଳୟ କାଟି-
ତୋଳି ମୁଁ ଆଣିଛି ଉଷାର ଧୌତ ଅରୁଣ ପ୍ରଭାତ, କମନୀୟ କମ କଳା,
କେତେ ସ୍ନେହ ଛଳ ଛଳ ଆତୁର ଆବେଗ ଉଚ୍ଛଳ କଳ,କଲ୍ଲୋଳ କାୟା କଳ୍ପନା ବିଥି ।

ତୋ' ସହ ମୋର ନିତି ଓ ନିୟତ,ରଙ୍ଗ ମହଲର ଋତୁ ରୀତିର ରତ ରତି,
ହେ ମୋ ହୃଦୟ ସ୍ଥିତ ସ୍ପନ୍ଦନ! ବାଣୀ ମୂର୍ଚ୍ଛନା ମଧୁ-ପ୍ଲାବିନୀ ମଧୁ ମଧୁମାସ ଅମ୍ଳାନ ପ୍ରୀତି,
ତୋ'ରି ସାନ୍ନିଧ୍ୟ, ତୋ ଅନାହତ ପ୍ରୀତି ସମ୍ମୋହନ ବହୁ ବହଳ ବଉଳ ଗୀତି-
ପ୍ରମେୟ ପ୍ରେମ ପ୍ରଣୟ ପେନ୍ଥାରେ, ପରାଣ ମୋହି ଏ ମୋ ସୌନ୍ଦର୍ଯ୍ୟମାଳା କୃତିକୀର୍ତ୍ତି ।

ତୁ ତ ତନ୍ମୟୀ ତୋରା, ମୋ ସାଧନା ପ୍ରାଣର ମହା ଧ୍ରୁପଦୀ, ଧ୍ୱନି ଶବ୍ଦବୀଣାର ...
ତୋ' ଆରାଧନା, ମୋ ବାଣୀ ବାଂମୟ, ଭବ୍ୟ କଳାର କାରୁ କାର୍‌ନାମା ଦିବ୍ୟ ଜ୍ୟୋତି ।
ଶିଖାଇଛୁ ମୋତେ ସାଧିବା କୌଶଳ, ଦେଖାଇଛୁ ବହୁ ବନ୍ଧୁର ପଥ ଭେଦିବାର -
ନୂଆ, ନୂଆ ବୌଦ୍ଧିକ ଦର୍ଶନ, ଦାମ୍ପିକ, ସାହସ ସଞ୍ଚରଣ ବିଧି, ଆଲୋକ ଅନ୍ୱେଷା ନୀତି।

ତୁ ଦେବୀ ଅମୂର୍ତ୍ତ ସ୍ୱରୂପା, ଅନୁକ୍ତ ମୋ ନିଭୃତ ହୃଦୟ ସୀମା ପରିସୀମା ରେଖା,
ତୋ'ରି ଆଶିଷ ଭିକ୍ଷାରେ ମୁଁ ମା' ଦିବସ ରଜନୀ ଏକାଗ୍ର ଚିତ୍ତେ ଜାଳେ ମୋ ସାଧନା ଶିଖା।

ଶ୍ରୀହରି ଆଳୟ,ବାଂମୟ ନିଳୟ, ସାହିତ୍ୟ ଚିରକାଳ
ସା-ବୋଇତାଳୁପାଟଣା, ପୋଷ୍ଟ-ମୋହନପୁର,
ଭାୟା-ବିଞ୍ଚାରପୁର-୭୫୫୦୦୪, ଜିଲ୍ଲା-ଯାଜପୁର
(ମୋ) ୭୩୮୪୨୫୧୧୪୬

ମଧୁର ଓଁକାର
ଗୋଲୋକବିହାରୀ ବେହେରା

ତମେ ଯେବେ ଆସିଗଲ
ମୃଦୁ ମୃଦୁ ପବନ ବହିଲା,
ତମେ ଯେବେ ହସିଦେଲେ
ଆଞ୍ଜୁଳାଏ ମଲ୍ଲୀ ଝଡ଼ିଗଲା ।

ତମେ ମୋର ପାଶେ ଥିଲେ
ଦୁନିଆକୁ ନାହିଁ ମୋର ଭୀତି,
ବିଭୋର ଏ ତନୁ ମନ
ଚଉପାଶେ ଦେଖେ ଖାଲି ପ୍ରୀତି।

ହୃଦୟ ଅଦେଖା କ୍ଷତେ
ଲେପିଅଛ ସେନେହ ମଲମ,
ପ୍ରଗଳଭ ହେଲେ ବି ତମେ
ବୁଝିଗଲ ଆତ୍ମାର ମିଳନ।

ତୁମେ ଅନୁଭବିଛ କି
ଦେହାତୀତ ହୃଦୟ ସଂଗମ,
ସେ ରାଜା ରଜନୀ ଜହ୍ନ
ମୁଗ୍ଧ ଅନୁଭବ ବୋଧେ ପ୍ରେମ।

ତୁମ ପ୍ରୀତି ବିକଟ ଦେହଜ
ମୋର କିନ୍ତୁ ମଧୁର ଓଁକାର,
ତମେ ହୁଅ ବାଟ ବଣା
ମୁଁ ନିଜକୁ କରେ ଅକ୍ତିଆର।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬

ପ୍ରେମର ପୃଥିବୀ
ରତ୍ନପ୍ରଭା ବାଇ

ନାରୀ ହିଁ, ନିର୍ମାତ୍ରୀ- ନାରୀ ହିଁ ଧରିତ୍ରୀ
ଦୁହିତା, ଦୁଇ କୂଳକୁ ହିତା,
ସୁବିଚାରେ ସଜାଡି ପାରେ ସଂପର୍କ
ଦୟା କ୍ଷମା ଗୁଣ ଭରି ବାଣ୍ଟି ପାରେ ମହକ ।

ସେ ଜାୟା ଜନନୀ ଭଗିନୀ
ସେ ମମତାର ମନ୍ଦାକିନୀ,
ସେ ସେନେହର ସଞ୍ଜିବନୀ,
ପ୍ରୀତିର ପରଶ ମଣି
ରୋଷେଇ ଶାଳରୁ ରଣାଙ୍ଗନ ଯାଏ
ଶୁଭିଲାଣି ତା'ର ପାଦ ଧ୍ୱନୀ ।

ସେବାର ସମୀଧ ଜାଳି,
ତ୍ୟାଗର ଘୃତକୁ ଢାଳି
ଜଞ୍ଜାଳ ଯଜ୍ଞ କୁଣ୍ଡରେ ସବୁ ସୁଖକୁ
ଆହୂତି କରି
ଆଦର୍ଶ ବାଟରେ ଚାଲେ
ଆଲୋକ ବର୍ତ୍ତିକା ପରି ।
ନାରୀ- ଗଢି ଦେଇପାରେ ପ୍ରେମର ପୃଥିବୀ।
ନିଜକୁ ନିଗାଡି ଦେଇ,
ସମସ୍ୟାର ସ୍ତୁପ ଡେଇଁ
ଛଳ ଛଳ ଯାଏ ବୋହି,
ମରୁ ମରିଚିକା ଡେଇଁ,
ଦହନ ଦୁଃଖ ଦାଉକୁ ଶୋଷି
ବାଣ୍ଟି ପାରେ ଖୁସି ଆଉ ଖୁସି
ସଂପର୍କ ଡୋରିରେ ଛନ୍ଦି
ପ୍ରେମର ପଣତେ ବାନ୍ଧି
ନାରୀ- ଗଢି ଦେଇପାରେ ପ୍ରେମର ପୃଥିବୀ

ସଂପାଦିକା- ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ, ଅନୁଗୁଳ
ମୋ - ୯୩୩୭୯୭୭୨୭୪୯

କିଏ ତୁମେ
ପବିତ୍ର ବେହେରା

କିଏ ତୁମେ ଦେବୀ ଯାହା ପାଇଁ
ଚିରକାଳ ଅମର ହେବାକୁ ଚାହେଁ
ମୋ ଦିଗଭ୍ରାନ୍ତ ବିଦଗ୍ଧ କବିତା
କଳ୍ପନା ସବୁକୁ ବାସ୍ତବ ରୂପ ଦେବା ପାଇଁ
କଲମରୁ ଝରାଏ ମୁଁ ଅବ୍ୟକ୍ତ ଭାବନା
ଯେଉଁ ଭାବନାରେ ଲାଜେଇ ଯାଆନ୍ତି
କୋଣାର୍କ ର ନୃତ୍ୟଙ୍ଗନା, ସୋନ୍ଦର୍ଯ୍ୟର
ମୋନାଲିସା
ଆଜୀବନ ଖୋଜୁଛି ନିଶିରାଜ ନୈରାଶ୍ୟ
ପ୍ରତୀକ ସାଜି
ହେଲେ ଖୋଜି ପାଇ ପାରୁନାହିଁ
ତୁମ ବିମୁଗ୍ଧା-ପ୍ରଗଳଭା ରୂପର ପାଦଚିହ୍ନ
ହେ ସପ୍ତ ତରୁଣୀଗଣ, ହେ ଅଜନ୍ତାର
ରୂପସୀଗଣ
କେବେ ଯଦି ଦେଖିବ ବିମୁଡ ଚକ୍ଷୁରେ
କଳ କଳ ହାସ୍ୟମୟୀ, ଛଳ ଛଳ ଲାସ୍ୟମୟୀ
ଦିବ୍ୟ ମନୋରମା, ବଧୁଲି ଅଧରା ଗୋରୀ
ଶଙ୍ଖ ଶୁଭ୍ର ଗ୍ରୀବା, ପୀନ ପୟୋଧର, କୃଷ୍ଣ
କବରୀ
ବିଭଙ୍ଗ ବର୍ଣ୍ଣବିଭା, ଶୁଭ୍ରମୟ ଜ୍ୟୋତ୍ସ୍ନାୟିତ
ତରୁଣୀ
ସେ ହିଁ ମୋ ଅକଳ୍ପନୀୟ କଳ୍ପିତ କଳ୍ପନା
ହଜାରେ ଐଶ୍ୱର୍ଯ୍ୟ ଗୁଣର ଦେବୀ ଅନୁପମା ।
କିଏ ତୁମେ ଲାବଣ୍ୟ ରାଜ ଜେମା
ତୁମ ପାଇଁ ଓଡ଼ିଆ ଅଭିଧାନରୁ ସବୁ ଶବ୍ଦ
ଖୋଜି ମୁଁ ଦେଲି,
ତୁମ ଅନୁପମା ରୂପକୁ ଛନ୍ଦ, ଅଳଙ୍କାର,
ଉପମାରେ ସଜାଇବା ପାଇଁ।
କଳିଙ୍ଗର ଐଶ୍ୱର୍ଯ୍ୟ ଓ ଅଭିଲେଖକୁ ଏକାଠି
କରିଛି
ଅଶୋକଙ୍କ ପ୍ରିୟସୀ ପଦ୍ମାବତୀଠାରୁ ଅଧିକ
ସୁନ୍ଦର କରିବା ପାଇଁ।

ବାହାଲପୁର, ଗଞ୍ଜାମ
ମୋ: ୭୭୮୮୮୮୬୬୦୨

ଦୁଃଖର ସୁନ୍ଦରତା
ପୂଜା ସା

ଏ ସୁଖକୁ ତ ସମସ୍ତେ ଖୋଜନ୍ତି
ହେଲେ ମୁଁ ନା ଏ ଦୁଃଖକୁ
ଭାରି ଭଲ ପାଏ
ଏ ଦୁଃଖ କଣ ନ ଶିଖେଇଛି ମୋତେ ?
ଏ ଦୁଃଖ ଆସିବା ପରେ ହିଁ ତ ମୁଁ
ସପନକୁ ଗଢ଼ିବା ଶିଖିଛି
ଏ ଦୁଃଖର ବେଦନାକୁ ହିଁ ମୁଁ ଆଜି
ପ୍ରକୃତ ସାଥି ବୋଲି ଭାବିଛି
ଏ ଦୁଃଖ ହିଁ ତ ମୋତେ ଆଜି ଜୀବନର
ପ୍ରକୃତ ପରିଭାଷା ଶିଖେଇଛି
ଏ ଦୁଃଖ ଅଛି ବୋଲି ତ ଆଜି
ଏ ଜୀବନର ଅସ୍ତିତ୍ୱ ଅଛି
ଦୁଃଖର ବି ଗୋଟିଏ ସୁନ୍ଦରତା ଅଛି
ଏ ଦୁଃଖ କେବେ ବିଷାଦ ଦିଏନି
ଦିଏ ମୋତେ ଧର୍ଯ୍ୟ, ସାହାସ, ନୂଆ ଆରମ୍ଭ
ଏ ଦୁଃଖ ଯଦି ନଥାନ୍ତା
ତାହେଲେ କେମିତି ମୁଁ ବୁଝିଥାନ୍ତି
ଏ ଜୀବନରେ ସ୍ୱପ୍ନର ମୂଲ୍ୟକୁ
ହଁ ଏ ଦୁଃଖ ହିଁ ଦିଏ ସଫଳତା
ଏ ଦୁଃଖ ହିଁ ଦିଏ ଆଗକୁ ବଢିବାର
ପ୍ରେରଣା।

ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଥମ ବର୍ଷ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
ଭବାନୀପାଟଣା (କଳାହାଣ୍ଡି)

ଅସ୍ତରଙ୍ଗ
ଯଶସ୍ୱିନୀ ସାହୁ

ସମୟର କୋଳାହଳ ଭିତରେ
ସୂର୍ଯ୍ୟ ଅସ୍ତ ହେବାପରେ
କାହିଁକି କେଜାଣି, ସବୁକିଛି
ମରୁଭୂମି ପରି ଲାଗେ।
ଜୀବନର ଦୁଇପହର ବୋଝ ପରି
ଲାଗେ ଭାରି ଭାରି।
ଠିକ୍ ଯେମିତି, ବାଲିରେ ଚାଲୁଥିବା
କୁବୁଜାଧାରି ଓଟ।
ନାନା ରଙ୍ଗର ତୂଳୀରେ
ସନ୍ଧ୍ୟାକୁ ଆଙ୍କିବସେ ଯେବେ,
ସନ୍ଧ୍ୟା ମୋତେ ତାଚ୍ଛଲ୍ୟ କରି
ହାତ ତାଳି ମାରେ,
ଠିକ୍ ଯେମିତି, ପୂର୍ଣ୍ଣିମା ରାତିରେ
ଟର୍ଚ୍ଚର ଆଲୁଅ।

ନିସ୍ତବ୍ଧ ରଜନୀରେ ରଜନୀଗନ୍ଧା ଭାବି
ଧରିବାକୁ ଚାହିଁଲେ,
କାକଟସ୍ ପାଲଟିଯାଏ।
ପାହାନ୍ତି ତାରାକୁ ଚାହିଁ ଟିକେ ହସିଦେଲେ,
ଅମାବାସ୍ୟା ରାତି ଘୋଟିଆସେ।
କୂପ ଭିତରର ମଣ୍ଡୁକ ପରି, କେବଳ
ଆକାଶକୁ ଚାହିବା ସାର ହୋଇଥାଏ।
ସତରେ,
ସୂର୍ଯ୍ୟ ଅସ୍ତ ହେବାପରେ, ଜୀବନର ଦୁଇ
ପହରେ
ସବୁକିଛି ଛକିଶୂନରେ ସରିଯାଏ!
ଜୀବନ, କ୍ଲାନ୍ତି, ଅବଶୋଷ ସବୁକିଛି ଏଠି
ପାହାଡ଼ ପରି ଲଦି ହୋଇଯାଏ।
ମରୁଭୂମିର ବାଲିରେ ଚାଲିବା କ'ଣ
ଏତେ ସହଜ!
ତଥାପି ଏଠି ଚାଲିବାକୁ ପଡ଼େ
ଠିକ୍, ମରୁଭୂମିର କାକଟସ୍ ପରି।

ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ

ବ୍ରହ୍ମପୁର,୦୩/୩ (ନି.ପ୍ର): ଯେଉଁ ସଂଗ୍ରାମୀମାନେ କଠୋର ପରିଶ୍ରମ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିଥିଲେ ଅଦ୍ୟାବଧି ଓଡ଼ିଶା ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା ଓଡ଼ିଆମାନେ ଅବହେଳିତ ଅବସ୍ଥାରେ ରହିଛନ୍ତି । ଏତଦବ୍ୟତୀତ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ସରକାରୀ ସ୍ତରରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ପାଇଁ ଯେଉଁ ଉଦ୍ୟମ କରିଥିଲେ ତାହା କାର୍ଯ୍ୟକାରୀ କରିବାରେ ଏ ପର୍ଯ୍ୟନ୍ତ ଅଧୁରା ହୋଇ ରହିଯାଇଛି । ତେଣୁ ଅବହେଳିତ ଅବସ୍ଥାରେ ରହିଥିବା ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ ବୋଲି ରବିବାର ଅପରାହ୍ନରେ ସ୍ଥାନୀୟ ଉକଳ ଆଶ୍ରମ ପରିସରରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ସମାଜ ଛତିଶଗଡ଼ ଶାଖା ତରଫରୁ ଆୟୋଜିତ ଭାଷା ସମ୍ମିଳନୀ ଓ ଆଲୋଚନାଚକ୍ରରେ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି । ଭାଷା ସୁରକ୍ଷା ସଂସ୍ଥାନ ଓ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ସମାଜ ଛତିଶଗଡ଼ ଶାଖାର ଆବାହକ ଅଧ୍ୟାପକ ଜୟକୃଷ୍ଣ (ଶ୍ରୀ ବିପ୍ଳବ)ଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ, ମୁଖ୍ୟବକ୍ତା ରୂପେ ଗଞ୍ଜାମ କଲେଜର ପୂର୍ବତନ ଅଧ୍ୟକ୍ଷ ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ), ସମ୍ମାନିତ ଅତିଥି ଭାବେ ସୁଲେଖିକା ଡ଼. ସୂଚନା ପାଢ଼ୀ, ସମ୍ମାନିତ ବକ୍ତା ରୂପେ ବରିଷ୍ଠ ଶିକ୍ଷାବିତ୍ ସରୋଜ କାନ୍ତ ରଥ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଡ଼. ବିମଳ ପ୍ରସାଦ ପଟ୍ଟନାୟକ, ସ୍ତମ୍ଭକାର ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ବିଚ୍ଛିନ୍ନାଞ୍ଚଳ ଆନ୍ଧ୍ର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ଓଡ଼ିଆମାନଙ୍କ ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ସେମାନଙ୍କର ସମସ୍ୟା ସମାଧାନ ପାଇଁ ଓଡ଼ିଶା ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ମୁଖ୍ୟଅତିଥି ଶ୍ରୀ ରଥ ଦାବି କରିଥିଲେ । ବରିଷ୍ଠ ଶିକ୍ଷାବିତ୍ ଡ଼. ବିଜୟ ଚନ୍ଦ୍ର ମହାରଣା ଏଥିରେ ସଭାପତିତ୍ୱ କରିଥିଲେ ।

ଏହି ଅବସରରେ ସରକାରୀ ଚାକିରୀରୁ ଅବସରଗ୍ରହଣ କରିଥିବା ସୁଲେଖିକା ପଦ୍ମିନୀ ମିଶ୍ର ଓ ସାମ୍ବାଦିକ ସୁଦୀପ କୁମାର ସାହୁଙ୍କୁ ଭାଷା ସୁରକ୍ଷା ସମ୍ମାନ ତରଫରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପ ସ୍ତବକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

ପ୍ରାରମ୍ଭରେ ପରଲୋକ ଗମନ କରିଥିବା ଉକଳ ସମ୍ମିଳନୀ ଗଞ୍ଜାମ ଶାଖାର ପୂର୍ବତନ ସଭାପତି ମନ୍ମଥ ପାଢ଼ୀ ଓ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ସ୍ମୃତିଚାରଣ ସହ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବୟିତ୍ରୀ ସ୍ୱର୍ଣ୍ଣମୀୟ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ଶଙ୍କର୍ଷଣ ତ୍ରିପାଠୀ, ବି. ସତ୍ୟମ୍ ଆଚାରୀ, ବଳରାମ ପଲାଇ, ସୋମନାଥ ସାହୁ, ଚନ୍ଦ୍ରଶେଖର ମହାପାତ୍ର, କବୟିତ୍ରୀ ମୀରାବାଇ ପଣ୍ଡା, ଡ଼ା. ସ୍ମରଣିକା ସାହୁ, ସସ୍ମିତା କୁମାରୀ ପାଣିଗ୍ରାହୀ, ମଧୁସ୍ମିତା ସାହୁ, ରଞ୍ଜିତାରାଣୀ ଦାଶ, ଜ୍ୟୋତ୍ସ୍ନାରାଣୀ ଦେବୀ, ସରୋଜିନୀ ସାହୁ ପ୍ରମୁଖ୍ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସୁଶାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ସୁରକ୍ଷା ନେଇ ଏକ ସ୍ମାରକପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

ଭଣ୍ଡା ପାଲଟିଛି ବାଲି ମାଫିଆଙ୍କ ଭୂସ୍ୱର୍ଗ : ଦୈନିକ ଶହଶହ ଟ୍ରିପ ବାଲି ଚୋରା ଚାଲାଣ, ନିରବଦ୍ରଷ୍ଟା ଅଧିକାରୀ

ଚମ୍ପୁଆ,୦୩/୩ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ମେର୍ମେଦା ନାଳର ବିଭିନ୍ନ ଅଂଚଳରୁ ଦିବାଲୋକରେ ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଛି । ଏଥିଯୋଗୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ବାଲି ମାଫିଆ ଓ କିଛି ଅସାଧୁ ଅଧିକାରୀ ମାଲେମାଲ ହେଉଛନ୍ତି । ବିଭାଗୀୟ ଅଧିକାରୀ ଧର୍ମକୁ ଆଖିଠାର ସଦୃଶ ଚଢ଼ାଉ କରି ଗୋଟେ ଅଧେ ଟ୍ରାକ୍ଟରକୁ ଜୋରିମାନା କରି ଲୋକ ଦେଖାଣିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ବାଲି ମାଫିଆଙ୍କ ଦୌରାତ୍ମ୍ୟ କମିବାର ନାଁ ନେଉନାହିଁ । ଚମ୍ପୁଆ ବ୍ଲକର ଭଣ୍ଡା, କଂସରା (ଖ), ସୁନାରିପଶି, ରରୁଆଁଗୋଡ଼ା, କେମୁଣ୍ଡିଆ, କନ୍ଦାନାଳୀ, ନନ୍ଦପୁର, ମଙ୍ଗଳପୁର, ପଡୁଆ, ପାରୁଡିପୋଷି, ରାଉତରାପୁର, ଭୂଇଁପୁର, ଜାଲି ଆଦି ଗ୍ରାମରେ ମେର୍ମେଦା ନାଳରୁ ଦୈନିକ ବାଲି ମାଫିଆ ମାନେ ମେସିନ ଯୋଗେ ବାଲି ଉତୋଳନ କରି ବିଭିନ୍ନ ସ୍ଥାନରେ ଶହ ଶହ ଟ୍ରିପ ବାଲି ବେଆଇନ ଭାବେ ଜମା କରି ରଖୁଛନ୍ତି । ପରେ ସେହି ବାଲିକୁ ହାଇୱା ଯୋଗେ ରାତାରାତି ବାହାରକୁ ଚୋରା ଚାଲାଣ କରୁଛନ୍ତି । ଭଣ୍ଡା ଅଂଚଳର ବହୁ ସ୍ଥାନରେ ଏଭଳି ବେଆଇନ ବାଲି ଡିପୋ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ସବୁ ଜାଣି ଅଜଣା ରହୁଛନ୍ତି । ବାଲି ଚୋରା ଚାଲାଣକୁ ରୋକିବା ପାଇଁ ବିଭାଗ କୌଣସି ପଦକ୍ଷେପ ନେଉନାହିଁ । ଯାହାଦ୍ୱାରା ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ଘଟୁଛି । ପୂର୍ବରୁ ଏହି ଚୋରା ବାଲି ଚାଲାଣକୁ ରୋକିବା ପାଇଁ ତହସିଲ ଓ ପୋଲିସ ପ୍ରଶାସନ ପକ୍ଷରୁ ଚଢ଼ାଉ କରା ଯାଉଥିଲା । ମାତ୍ର ସରକାର ତାଙ୍କ ହାତରୁ ଅଧିକାର କାଢି ନେଇ ଖଣି ବିଭାଗକୁ ଦାୟିତ୍ୱ ଦେଇଛନ୍ତି । କିନ୍ତୁ ଖଣି ବିଭାଗର କାର୍ଯ୍ୟାଳୟ କେନ୍ଦୁଝର ଠାରେ ଥିବାରୁ ୫୦ କିଲୋମିଟର ଦୂରରୁ ଆସି ଭଣ୍ଡାରେ ବାଲି ଚାଲାଣ ଉପରେ ରୋକ ଲଗାଇ ପାରୁନାହିଁ ବିଭାଗ । ମାଫିଆ ମାନେ ବାଲି ଚାଲାଣ ସମୟରେ ପ୍ରତି ଛକରେ ଲୋକ ଜଗାଇ ବାଲି ଚାଲାଣ କରୁଥିବା ବେଳେ ବିଭାଗୀୟ ଅଧିକାରୀ ଆସିଲେ ପୂର୍ବରୁ ସୂଚନା ପାଇ ସତର୍କ ହେଉଥିବାରୁ ଚଢାଉ ଫଳପ୍ରଦ ହୋଇପାରୁନାହିଁ । ଫଳରେ ବିଭାଗୀୟ ଅଧିକାରୀମାନେ ବାଲି ଚାଲାଣ ଉପରେ କୌଣସି ରୋକ ଲଗାଇବାରେ ସକ୍ଷମ ହୋଇ ପାରୁ ନାହାନ୍ତି । ଅନ୍ୟପକ୍ଷେ ତହସିଲ ଓ ପୋଲିସ ପ୍ରଶାସନ ଲୋକ ଦେଖାଣିଆ ମଝିରେ ମଝିରେ ଗୋଟେ ଦୁଇଟା ଗାଡି ଧରି ନିଜର ଦାୟିତ୍ୱ ସାରି ଦେଉଥିବା ଦେଖିବାକୁ ମିଳୁଛି । ଚୋରା ବାଲି ଚାଲାଣ ପାଇଁ ଗାଁ ରାସ୍ତା ଗୁଡିକ ଭାଙ୍ଗି ନଷ୍ଟ ହେଉଥିବା ବେଳେ ରାସ୍ତା ଉପରେ ବାଲି ପଡୁଥିବାରୁ ଯିବା ଆସିବା କରୁଥିବା ସାଇକେଲ, ମୋଟରସାଇକେଲ ଚାଳକଙ୍କ ପାଇଁ ବିପଦ ସୃଷ୍ଟି କରୁଛି ।

ମାଓ ଅଧ୍ୟୁଷିତ ଅଂଚଳରେ ପୋଲିସର ଜନସମ୍ପର୍କ ଶିବିର

ବଲାଙ୍ଗୀର,୦୩/୩ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ପୋଲିସ ଦ୍ୱାରା ତେଲେନପାଲି ଗ୍ରାମପଞ୍ଚାୟତ ଯମୁନାପାଲି ଗ୍ରାମ ବିଶିପଡା ଠାରେ ଜିଲ୍ଲା ପୋଲିସର ସୌଜନ୍ୟତାରେ ଖପ୍ରାଖୋଲ ପୋଲିସର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୁଝାରୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟପ୍ରକାଶ ରାଉତରାୟ ଉପସ୍ଥିତ ଥିଲେ । ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ ବୋଲି ଅତିଥିମାନେ କହିଥିଲେ । ଏହି ଶିବିରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଗ୍ରାମାଂଚଳ କ୍ରିକେଟ ଟୁର୍ଣ୍ଣାମେଂଟ, ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ସହ ଅସହାୟଙ୍କୁ ବସ୍ତ୍ର ବଂଟନ କରାଯାଇଥିଲା । ଜିଲ୍ଲା ପୋଲିସର ବହୁ ଅଧିକାରୀ, ଖପ୍ରାଖୋଲ ଡିଭିଏଫ୍ ଦଳ ଇନ୍ସପେକ୍ଟର ଜୟନ୍ତ ମହାପାତ୍ର, ଆସିଷ୍ଟାଣ୍ଟ କମାଣ୍ଡେଂଟ ସୁଦୀପ୍ତ ସାହୁ, ଲାଠୋର ଥାନାଧିକାରୀ ରାକେଶ ବେହେରା, ଏଏସ୍‌ଆଇ ସେଓ୍ୱାନ କେରକେଟା, ଏଏସ୍‌ଆଇ ନବୀନ ଭୋଇଙ୍କ ସମେତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ନୋସିରେ ଫେସବୁକ କବିତାର ସୁବର୍ଣ୍ଣ ଆସର ସମାପନ

ବାଲେଶ୍ୱର,୦୩/୩ (ନି.ପ୍ର): ନୋସୀ କଲଚୁରାଲ୍ ଏକାଡେମୀ ଓ ବାଲେଶ୍ୱର ଫେସବୁକ କବି ତରଫରୁ ଉତ୍କଳା ମୁକ୍ତମଞ୍ଚ ରେ ଫେସ୍ବୁକ୍ କବିତା ଆସରର ୫୦ତମ ସୁବର୍ଣ୍ଣ ଆସର ଦୁଇଦିନ ଧରି ଆଡ଼ମ୍ବର ପୂର୍ଣ୍ଣ ଭାବରେ ପାଳିତ ହୋଇଯାଇଛି । ୨୦୧୬ମସିହା ଜୁନ୍ ମାସ ୧୬ତାରିଖ ରେ ଏହି ମାସିକ ଫେସବୁକ କବିତା ଆସର ଶୁଭାରମ୍ଭ ହୋଇଥିଲା ତେବେ ଏହି ଆସର ୫୦ତମ ଆସରରେ ପହଞ୍ଚିଛି । ଶନିବାର ସନ୍ଧ୍ୟାରେ ଏହି ଆସରକୁ ଆନୁଷ୍ଠାନିକ ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡଃ ସନ୍ତୋଷ ତ୍ରିପାଠୀ ଉଦ୍ଘାଟନ କରିଥିଲେ, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ କବି ତଥା ପ୍ରକାଶକ ସମରେନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଇମାମି ର ଏଚ ଆର୍ ଜିଏମ ୟୁସୁଫ ସୋଲାଙ୍କି ଓ ଓରି ପୋଲର ମୁଖ୍ୟ ଆକାଂକ୍ଷା ବେହେରା ଯୋଗ ଦାନ କରି କବି ଓ କବୟିତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ । ଆସରର ଆବାହକ ଶିଳ୍ପୀ କେଶୁ ଦାସ ମଞ୍ଚ ଓ ଅତିଥି ପରିଚୟ କରିଥିବା ବେଳେ ସୁବର୍ଣ୍ଣ ଆସରର ସଭାପତି ଡ଼ ରତ୍ନାକର ସିଂହ ସଭାପତିତ୍ୱ କରିଥିଲେ । ରଞ୍ଜିତ ପୁଷ୍ପ ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ନରେ ନବ କବି ମାନଙ୍କ କବିତା ପାଠୋତ୍ସବକୁ ସଂଯୋଜକ ଗଗନ ସେଠୀ ଓ ମଧୁସୂଦନ ମିଶ୍ର ସଂଯୋଜନା କରିଥିଲେ । ସନ୍ଧ୍ୟାରେ ଉତ୍କଳାର ନୃତ୍ୟଗୀତ ଶିଳ୍ପୀ କୁମାର ଅତନୁ, କୁମାର ଜୀବନ, ରଶ୍ମୀ ରେଖା, ରୂପାଲୀ ଓ ଦୁର୍ଗେଶ୍ୱରୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ସେମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଉଦଯାପୀ ସନ୍ଧ୍ୟାରେ ଚାନ୍ଦିପୁର ଆଇଟିଆରର ଅତିରିକ୍ତ ନିର୍ଦ୍ଦେଶକ ଡ ନିଳାଦ୍ରୀ ରାୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବ୍ୟକ୍ତା କବି ଅଭୟ ଦାସ, ସମ୍ମାନିତ ଅତିଥି ନୋସିର ଉପସଭାପତି ସୁବ୍ରତ ନାୟକ, ଶିଳ୍ପପତି ମୁକେଶ ପଟେଲ ଯୋଗ ଦେଇଥିଲେ । ସଞ୍ଚାଳକ ଗଗନ କୁମାର ସେଠୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଆବାହକ ଶିଳ୍ପୀ କେଶୁଦାସ ପ୍ରାକ ସୂଚନା ପ୍ରଦାନ କରିଥିଲେ । ସଭାକୁ ସୁବର୍ଣ୍ଣ ଆସରର ସଭାପତି ଡ ରତ୍ନାକର ସିଂହ ପୌରହିତ୍ୟ କରିଥିବା ବେଳେ ସଂଯୋଜକ ରଣଜିତ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ କଲିକତାର ଉର୍ଦ୍ଧୁ କବି ଇର୍ଷାଦ ମଜହାରୀ, କଟକରୁ ଡାକ୍ତର ଦେବାଶିଷ ଜ୍ୟେଷ୍ଠୀ, ଭୁବନେଶ୍ୱର ରୁ ଡାକ୍ତର ଶୁଭ ଦାଶ , ଯାଜପୁରରୁ ପୂର୍ଣ୍ଣ ଦାସ, ଢେଙ୍କାନାଳରୁ ମୃତ୍ୟୁଞ୍ଜୟ ବେହେରା, ଭୁବନେଶ୍ୱରରୁ ଅନିତା ରାୟ, ଭଦ୍ରକରୁ ମନୋରଞ୍ଜନ ମୁଦୁଲି, ରାୟଗଡ଼ାର ଡା ସମୀକ୍ଷା ଦାଶ, ମୟୁରଭଞ୍ଜରୁ ସୁଚରିତା ମହାନ୍ତି ଓ କେଉଁଝର ରୁ ମିଲନ ମିଶ୍ରଙ୍କୁ ତାଙ୍କର ଫେସବୁକ ମାଧ୍ୟମରେ କବିତାକୁ ସମୃଦ୍ଧ କରିବା ସହ ଅନ୍ୟମାନଙ୍କୁ ପ୍ରେରଣା ଦେଇଥିବାରୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ୧୦ ଜଣଙ୍କର ମନୋଜ୍ଞ କବିତା ପାଠ ଆୟୋଜନ କରାଯାଇ ଥିଲା ।

ଉଦଯାପନୀ ଉତ୍ସବର ପ୍ରାରମ୍ଭରେ ଫେସବୁକ କବିଙ୍କ କବିତା ପାଠୋତ୍ସବ ଓ ସନ୍ତୁର ବାଦକ ତପନ ବିଦ୍, ତବଲା ବାଦକ ମୁକେଶ ଦାସ, ହାରମୋନିୟମ ବାଦକ ନରୋତ୍ତମ ଜେନା ଓ ବଂଶୀ ବାଦକ ଓମ୍ ପ୍ରକାଶ ଗିରିଙ୍କ ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସତ୍ୟଭାମା ମୁଦୁଲି ଲିଖିତ 'ଏଇ ଆମ ସୁବର୍ଣ୍ଣ ଆସର' ସଙ୍ଗୀତକୁ ବିକର୍ତ୍ତନ ନାୟକଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ଡ଼ଃ ସମୀକ୍ଷା ଦାଶଙ୍କ ପୁସ୍ତକ 'ଲଗ୍ନଜିତା.' ଅତିଥି ମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା । ପ୍ରଭାତ ଆଚାର୍ଯ୍ୟ, ଅଜିମ ବାଲେଶ୍ୱରୀ ତୃପ୍ତି ପାତ୍ର, ସୁନାମଣି ଜେନା, ମମତା ଦାସ, ଝରଣା ମଲ୍ଲିକ, କୃଷ୍ଣା ପ୍ରଧାନ, ଶାନ୍ତି ପଣ୍ଡା, ସୁବ୍ରତା ମହାନ୍ତି, ଶାନ୍ତି ବିଶି, ରଞ୍ଜନ ଦାସ, ପ୍ରଭାକର ସାହୁ, ସୁଧାକର ସେଠୀ, ପ୍ରବୀର କମିଳା, ମାଳତୀ ଧଳ, ସ୍ନିଗ୍ଧା ସାମନ୍ତରାୟ, କଲ୍ୟାଣୀ ନନ୍ଦ, ଶାନ୍ତନୁ ପଟ୍ଟନାୟକ, ସମର ବଲ୍ଲଭ ଭୋଇ ସଦସ୍ୟ ସଦସ୍ୟା ପ୍ରମୁଖ ୫୦ ରୁ ଉର୍ଦ୍ଧ୍ୱ କବି କବୟିତ୍ରୀ କବିତା ପାଠ କରିଥିଲେ । ନୋସିର କର୍ମକର୍ତ୍ତାମାନେ ସୁଚାରୁରୂପେ ପରିଚାଳନା କରିଥିଲେ ।

ଦୁର୍ନୀତି ଓ ବାଲି ଚୋରଙ୍କୁ ପ୍ରୋତ୍ସାହନ ଦେବନି ଆମ ସରକାର: ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ

ସୁବର୍ଣ୍ଣପୁର,୦୩/୩ (ନି.ପ୍ର): ଗରିବଙ୍କୁ ଚିହ୍ନଟ କରି ବସୁନ୍ଧରା ଯୋଜନାରେ ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବା, ଜଳସେଚନର ଅଗ୍ରଗତି, ଏମ ଏସ ଏମ ଇ ଯୋଜନାରେ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି, ହାଇଟେକ୍ ସର୍ଭେ କୁ ତ୍ୱରାନ୍ୱିତ କରିବା, ସଧାରଣ ଲୋକଙ୍କ ସେବା ପ୍ରଦାନରେ ଅଭିଯୋଗ ହେଲେ ସରକାରୀ କର୍ମଚାରୀ (ସେବକ)ଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ, ସହର ତଥା ଜିଲ୍ଲା ରେ ବଡ ବଡ ଜବର ଦଖଲକାରୀଙ୍କୁ ଉଚ୍ଛେଦ କରିବା ସହ ଖଣି ଓ ବାଲି ଚୋରୀ ରୋକିବାକୁ ଏନ୍ ଫୋର୍ସମେଂଟ ପାଇଁ ସ୍ୱତନ୍ତ୍ର ବାହିନୀ ପ୍ରସ୍ତୁତି କରିବାକୁ, ବାଲି ଉତ୍ସ ରୁ ନୂଆଁ ସରକାର ଅଧିକ ରାଜସ୍ୱ ବଢ଼ାଇଛି ତେଣୁ ବାଲି ଚୋର ଏବେ ବାଲି ବି ଦେଖିବେ, ନଦୀ ବି ଦେଖିବେ ଓ ଜେଲ୍ ବି ଦେଖିବେ ଏଥି ପାଇଁ ସରକାର ସବୁ ଯୋଜନା ପ୍ରସ୍ତୁତି କରିସାରିଛି ବୋଲି ଆଜି ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ରେ ଆସି ସମୀକ୍ଷା ବୈଠକରେ ଯୋଗ ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏବଂ ଆଜି ଜିଲ୍ଲା ସମୀକ୍ଷା ବୈଠକରେ ଜିଲ୍ଲା ପ୍ରଶାସନକୁ ଏ ସମସ୍ତ ଟାସ୍କ ଦେଇଛି ପୁଣି ଦୁଇ ମାସ ପରେ ମୁଁ ଆସି ଏ ସବୁ ସମୀକ୍ଷା କରିବି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି କ୍ଷ ବଲାଙ୍ଗିର ସାଂସଦ ସଙ୍ଗୀତା ସିଂହଦେଓ, ବୀର ମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଓ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନନ୍ୟା ଦାସ ମଧ୍ୟ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ ।

ଭାରୀ ପଣ୍ୟ ପରିବହନରେ ପାରାଦୀପ ବନ୍ଦର ଏକ ନମ୍ବର

ପାରାଦୀପ,୦୩/୩ (ନି.ପ୍ର): ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ପାରାଦୀପ ବନ୍ଦର ଭାରୀ ପଣ୍ୟ ପରିବହନ କ୍ଷେତ୍ରରେ ଏକ ନମ୍ବର ସ୍ଥାନ ହାସଲ କରି ସମ୍ମାନୀତ ହୋଇଛି । ଗତ ଆର୍ଥି ବର୍ଷ ତୁଳନାରେ ପାରାଦୀପ ବନ୍ଦର ୫ଏମଏମଟି ପଣ୍ୟ ଅଧିକ ପରିବହନ କରି ବିଭାଗୀୟ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଠାରୁ ସାଗର ଅଙ୍କଳନ ପ୍ରମାଣପତ୍ର ଗ୍ରହଣ କରିଛନ୍ତି ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା । ମୁମ୍ବାଇ ଠାରେ ଅନୁଷ୍ଠିତ ସମାରୋହରେ ଶ୍ରୀ ଦାସଗୁପ୍ତା ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୋୱାଲଙ୍କଠାରୁ ଏହି ପ୍ରମାଣପତ୍ର ଗ୍ରହଣ କରିଥିଲେ । ଏହି ପ୍ରମାଣପତ୍ର ହାସଲ କରିବା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଏହି ସଫଳତା ପାରାଦୀପ ବନ୍ଦରକୁ ଆଗକୁ ବଢିବା ପାଇଁ ଅଧିକ ଉତ୍ସାହିତ କରିବ ବୋଲି କହିଛନ୍ତି । ଫେବୃୟାରୀ ମାସ ଶେଷ ସୁଦ୍ଧା ପାରାଦୀପ ବନ୍ଦର ୧୩୬.୨୫ ଏମଏମଟି ପଣ୍ୟ କାରବାର ହୋଇଥିବା ପାରାଦୀପ ବନ୍ଦର ଲୋକସମ୍ପର

ରମାକାନ୍ତ ସେବା ଫାଉଣ୍ଡେସନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାସୁଦେବପୁର, ୦୩/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟକାଣିଡିହି ପଂଚାୟତର ବିଶିଷ୍ଟ ସମାଜସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ନିଜ ପିତା ରମାକାନ୍ତ ପ୍ରଧାନ ଙ୍କ ନାମରେ ଏକ ନୂତନ କାର୍ଯ୍ୟାଳୟ ଅତିଥି ଙ୍କ ଦ୍ୱାରା ଉଦଘାଟନ କରିଛନ୍ତି । ଯାହାର ନାମ ରହିଛି ରମାକାନ୍ତ ସେବା ଫାଉଣ୍ଡେସନ । ଏହି ଉଦଘାଟନ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ସାହିତ୍ୟିକ ଡକ୍ଟର ସୁଧାକର ମହାପାତ୍ର, ଆଧ୍ୟାତ୍ମିକ ପ୍ରବକ୍ତା ମହାପ୍ରସାଦ ସ୍ୱାମୀ, ବରିଷ୍ଠ ସାମ୍ବାଦିକ ଜ୍ଞାନ ପ୍ରକାଶ ପାଣି, ଆଦିତ୍ୟ ମହାପାତ୍ର କୁନା ଭାଇ,ସମାଜସେବୀ ରତିକାନ୍ତ ପ୍ରଧାନ ପିଣ୍ଟୁ,ନବ ନିର୍ମାଣ ସେନାର ପ୍ରତିଷ୍ଠାତା ଜୟ ପ୍ରକାଶ ମଲ୍ଲିକ , ଅବସର ପ୍ରାପ୍ତ ସୈନିକ ବନମାଳି ପରିଡା ଓ ରମାକାନ୍ତ ପ୍ରଧାନ। ସମସ୍ତ ଅତିଥି ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ଙ୍କ ନିଆରା ଉଦ୍ୟମ କୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଦୁଃଖୀ ଗରିବ ଓ ଅସହାୟ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ରତିକାନ୍ତ ପ୍ରଧାନ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅବସର ପ୍ରାପ୍ତ ଶିକ୍ଷକ, କୃଷକ, ସମାଜସେବୀ , ଛାତ୍ର ଛାତ୍ରୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରମାକାନ୍ତ ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ରତିକାନ୍ତ ପ୍ରଧାନ ଓ ସମସ୍ତ ସଦସ୍ୟ ଗତକାଲି ଜଗନ୍ନାଥ ମନ୍ଦିର ଦର୍ଶନ କରିବା ସହିତ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଠାକୁର ଙ୍କ ନିକଟରେ ପ୍ରାର୍ଥନା ଓ ପୂଜାର୍ଚ୍ଚନା କରିଥିଲେ। ସେହିପରି ଆଜି ରବିବାର ଦିତୀୟ ଦିବସରେ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ବାସୁଦେବପୁର ମେଡ଼ିକାଲ ପରିସରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ତୃପ୍ତି ମହିଳା ମହାବିଦ୍ୟାଳୟ ନିକଟସ୍ଥ ଜାଫରପୁର ଠାରେ ଥିବା ବାଲାଜୀ ବାସନ୍ତୀ ଟ୍ରଷ୍ଟ ବୃଦ୍ଧାଶ୍ରମର ଅନ୍ତେବାସୀ ମାନଙ୍କୁ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଆଳୁ, ମୁଢ଼ି, ଫଳ, ବିସ୍କୁଟ, ଚୁଡା, ବ୍ରେଡ ବଣ୍ଟନ କରାଯାଇଥିଲା। ସେଠାରେ ଅନ୍ତେବାସୀ ମାନେ ପିଣ୍ଟୁ ବାବୁ ଙ୍କୁ ପ୍ରଶଂସା କରିବା ସହିତ ଆଶୀର୍ବାଦ କରିଥିଲେ। ବାଲାଜୀ ବାସନ୍ତୀ ଟ୍ରଷ୍ଟ ର ସାଧାରଣ ସମ୍ପାଦକ କବିନ୍ଦ୍ର ଶେଖର ଫକିର ରଞ୍ଜନ ଦାସ ସମାଜସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁଙ୍କ ଉଦ୍ୟମ କୁ ପ୍ରଶଂସା କରିଥିଲେ। ସେହିପରି ସୋର ବ୍ଲକ ଅନ୍ତର୍ଗତ ଗୁଡ ଠାରେ ଥିବା ମୁନି ସମାଜର ଶିବ ମୁନି ଆଶ୍ରମର ଅନ୍ତେ ବାସୀ ମାନଙ୍କୁ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ବସ୍ତ୍ର ଶାଢୀ, ଚାଦର, ଆଳୁ, ଚାଉଳ, ବିସ୍କୁଟ, ଫଳ ବଣ୍ଟନ କରାଯାଇଥିଲା। ସକାଳେ କରଞ୍ଜ ଆଡିଆ ବଜାର ସଫେଇ କରା ଯାଇଥିଲା। ସମାଜ ସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ କୁହନ୍ତି କର୍ମ ହିଁ ଭଗବାନ। କର୍ମ କର କିନ୍ତୁ ଫଳ ପାଇଁ ଆଶା କର ନାହିଁ। ମାନବ ସେବା ହିଁ ମାଧବ ସେବା। ଗୋଟିଏ ଗଛ ଗୋଟିଏ ଜୀବନ । ଦୁଃଖୀ ଗରିବ ଲୋକଙ୍କୁ ସାହାଯ୍ୟ ସହଯୋଗ କରିବା ସହିତ ସୁନ୍ଦର ପରିବେଶ କୁ ରକ୍ଷା କରିବା ପାଇଁ ବୃକ୍ଷ ରୋପଣ କରିବା ସହିତ ଆଧ୍ୟାତ୍ମିକ ଚିନ୍ତାଧାରାରେ ଶ୍ରୀ ପ୍ରଧାନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଆଗେଇ ଚାଲିଛନ୍ତି। ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

କପ୍ତିପଦା-ବାରିପଦା ମୁଖ୍ୟରାସ୍ତା ମରଣଯନ୍ତ୍ରା

କପ୍ତିପଦା, ୦୩/୩ (ନି.ପ୍ର): କପ୍ତିପଦା-ବାରିପଦା ମୁଖ୍ୟରାସ୍ତା ଓ ରାଜ୍ୟ ରାଜପଥ ନଂ-୧୯ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । କପ୍ତିପଦାରୁ ଉଦଳା ଯିବା ରାସ୍ତାର ରଣାପୋଷି ପୋଲ ନିକଟରେ ଥିବା ଝୀଙ୍କେଶ୍ୱର ପେଟ୍ରୋଲ ପମ୍ପ ସମ୍ମୁଖ, ଝୀଙ୍କପଦା ବିଶ୍ରାମଗାର ସମ୍ମୁଖ, ପେଡାଗଡି ପୋଲର ସଂଯୋଗୀକରଣ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଉକ୍ତ ରାସ୍ତାରେ ପିଚୁ ଉଠିଯାଇ ଖାଲଖମାର ସୃଷ୍ଟି ହୋଇଯାଇଛି । ପ୍ରତ୍ୟହ ଜନଗହଳି ରାସ୍ତାର ଦୂରାବସ୍ଥା ଏପରି ହୋଇଛି ଯେ ପୂର୍ତ୍ତବିଭାଗ ଏହାକୁ ତୁରନ୍ତ ମରାମତି କରିବା ନିମନ୍ତେ ଅଞ୍ଚଳବାସୀ ଦାବୀ କରିଛନ୍ତି । ଏ ସଂପର୍କରେ ପୂର୍ତ୍ତବିଭାଗର ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ ଖୁବଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି ।

ମଲ୍ୟାଣୀରେ ତ୍ରୀଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି, ୦୩/୩ (ନି.ପ୍ର): ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତ ମଲ୍ୟାଣୀ କ୍ରିକେଟକ୍ଲବ୍ ପକ୍ଷରୁ ସ୍ଥାନୀୟ ଖେଳପଡିଆରେ ତ୍ରୀଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ସ୍ୱର୍ଣ୍ଣଚୂଡ ଫାଇଟର ଓ ମହାବୀର ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।୧୦ ଓଭର ବିଶିଷ୍ଟ ଏହି ମ୍ୟାଚରେ ସ୍ୱର୍ଣ୍ଣଚୂଡ ଫାଇଟର ପ୍ରଥମେ ବ୍ୟାଟିଂ କରି ୧୨୪ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ମିତ୍ରପୁର ଫାଇଟର ଦଳ ନିର୍ଦ୍ଧାରିତ ଓଭରରେ ମାତ୍ର ୧୦୨ରନ ସଂଗ୍ରହକରି ପରାଜିତ ହୋଇଥିଲା।ବିଜେତା ଦଳକୁ ୧୦ ହଜାର ଅର୍ଥରାଶି ସହ ଟ୍ରଫି ପ୍ରଗାନ କରାଯାଇଥିବା ବେଳେ ଉପବିଜେତା ଦଳକୁ ୭ ହଜାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା।

ବିରଳା ଟାୟାର୍ସ ଶ୍ରମିକମାନଙ୍କ ଦାବିକୁ ସମର୍ଥନ କରି ଓ ପ୍ରଶାସନର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ବିରୋଧରେ ମିଳିତ ଆନ୍ଦୋଳନ ପାଇଁ ନିଷ୍ପତ୍ତି

ବାଲେଶ୍ୱର, ୦୩/୩ (ନି.ପ୍ର): ଟିୟୁଏସିସି (ଟ୍ରେଡ୍‌ୟୁନିୟନ୍ ଆସୋସିଏସନ୍ କୋର୍ଡିନେସନ୍ କମିଟି)ର ଏକ ଜରୁରୀ ବୈଠକ ସୋମବାର ଦିନ ପୂର୍ବାହ୍ଣରେ ଉଠାଜଳସେଚନ କର୍ମଚାରୀ ଭବନରେ ପୂର୍ବତନ ବିଧାୟକ ତଥା ଟିୟୁଏସିସିର ଅଧକ୍ଷ ପ୍ରଦୀପ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିରଳା ଟାୟାର୍ସରେ ଦୀର୍ଘବର୍ଷ କାର୍ଯ୍ୟ କରିଥିବା କର୍ମଚାରୀମାନେ ସେମାନଙ୍କ ବକେୟା ବେତନ ପ୍ରଭୃତି ଦାବିସହ ବିରଳା ଟାୟାର୍ସ କାରଖାନାକୁ ଚଳାଇବା ପାଇଁ ଦାୟିତ୍ୱ ନେଇଥିବା ଡାଲମିଆ ଭାରତ ଓ ହିମାଦ୍ରି କେମିକାଲ୍‌ସ୍ ନିକଟରେ ପୁନଃ ନିଯୁକ୍ତି ପାଇଁ ଦାବି କରିଆସୁଛନ୍ତି। ନୂତନ କମ୍ପାନୀ କାରଖାନା ଚଳାଇବା ପାଇଁ ନୂତନ ଶ୍ରମିକମାନଙ୍କୁ ନିଯୁକ୍ତି ଦେଇଥିବାବେଳେ ଅବସର ବୟସ ପାଞ୍ଚଦଶ ବର୍ଷ ବାକି ଥିବା ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତି ଦେଉନାହିଁ। ତେଣୁ ଶ୍ରମିକମାନେ ବିଭିନ୍ନ ମହଲରେ ଆବେଦନ ନିବେଦନ କରି ନିରାଶ ହେବା ପରେ ପ୍ରାୟ ଗତ ତିନିମାସ ଧରି କାରଖାନା ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ସପରିବାର ଧାରଣା ଦେଇଆସୁଛନ୍ତି। ରାଜ୍ୟ ସରକାରଙ୍କ ଶ୍ରମବିଭାଗ, ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ବିଭିନ୍ନ ପର୍ଯ୍ୟାୟରେ ବିବାଦର ସମାଧାନ ପାଇଁ ଆଠଟି ଶ୍ରମିକସଂଘର ପ୍ରତିନିଧିମାନଙ୍କର ମିଳିତ ଆଲୋଚନା ହୋଇଛି। କିନ୍ତୁ ସମସ୍ୟାର ସୁସମାଧାନ ନହେବାରୁ ଶ୍ରମିକମାନେ ଶାନ୍ତିପୂର୍ଣ୍ଣ ଗଣଧାରଣାକୁ ବଳବତ୍ତର ରଖିଥିବା ସଂପର୍କରେ ଟିୟୁଏସିସିର ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ବୈଠକରେ ଅବଗତ କରାଇଥିଲେ। କିନ୍ତୁ ଗତକାଲି ସକାଳେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ପୋଲିସମାନେ ଧାରଣାକାରୀ ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଜୋର ଜବରଦସ୍ତି ବଳପ୍ରୟୋଗ କରି ଉଠାଇନେବା ଘଟଣାରେ ମିଳିତ ପ୍ରତିବାଦ ପାଇଁ ଶ୍ରୀ ପାଣିଗ୍ରାହୀ ମତ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଶାନ୍ତନୁ ଦାସ, ଅରୁଣ କୁମାର ସ୍ୱାଇଁ, ଭାଗବତ ପ୍ରତିହାରୀ, ଶ୍ୟାମସୁନ୍ଦର ଜେନା, ଆଶୁତୋଷ ପରିଡ଼ା, ଦୁକୁଲ ଚନ୍ଦ୍ର ଘଡ଼ାଇ, ତ୍ରିଲୋଚନ ବାରିକ, ଭରତ ଚନ୍ଦ୍ର ସେଠୀ ଓ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ପ୍ରମୁଖ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ପୋଲିସ୍ ପକ୍ଷରୁ ଶ୍ରମିକମାନଙ୍କର ଗଣତାନ୍ତ୍ରିକ ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଉପରେ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଥିଲେ। ଗିରଫ ଶ୍ରମିକମାନଙ୍କୁ ତୁରନ୍ତ ଖଲାସ କରିବା ଓ ସମସ୍ତ ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର ପାଇଁ ବୈଠକରେ ଦାବି କରାଯାଇଛି। ଯଦି ଶ୍ରମବିଭାଗ ଓ ପ୍ରଶାସନ ଶ୍ରମିକମାନଙ୍କ ଆଇନଗତ ଦାବିକୁ ପୂରଣ ନକରନ୍ତି ତେବେ ବାଲେଶ୍ୱର ଜିଲ୍ଲାର ସମସ୍ତ ଶ୍ରମିକ କର୍ମଚାରୀ ମିଳିତ ଆନ୍ଦୋଳନକୁ ଓହ୍ଲେଇବେ ବୋଲି ଏହି ବୈଠକରେ ଚେତାବନୀ ଦିଆଯାଇଛି। ଶରତ ଚନ୍ଦ୍ର ଦଳାଇ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ।

ବାରିପଦା କଳାକାର ପରିବାର ତରଫରୁ ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା , ୦୩/୩ (ନି.ପ୍ର): ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ବିଦ୍ୟାଳୟ ପରିସରରେ ଓଡ଼ିଆ ସିନେମା ଜଗତର ମହାନାୟକ ଉତ୍ତମ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀର ବସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅମ୍ଳାନ ଆତ୍ମାର ସଦଗତି ନିମନ୍ତେ ସର୍ବପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସନ୍ତୋଷ ମହାନ୍ତି, ଭାଗବତ ପଣ୍ଡା, ଅନ୍ନଦା ଶଙ୍କର ଦାଶ, ଚିନ୍ମୟ କୁମାର ଦାସ ପଟ୍ଟନାୟକ, ଡଃ ପ୍ରକାଶ ଚନ୍ଦ୍ର ଦାଶ, ସତ୍ୟାନନ୍ଦ ଶେଜପଡା, ଫାଲ୍ଗୁନୀ ମହାନ୍ତି ପ୍ରମୁଖ ଉତ୍ତମ ମହାନ୍ତିଙ୍କ ଜୀବନ ଶୈଳୀ ଏବଂ ତାଙ୍କ ସହିତ କଟେଇଥିବା ସମୟ ଉପରେ ଆଲୋକପାତ କରିଥିଲେ । ବନ୍ଧୁ ଧୀର ବସା କଲେଜ ସମୟରେ ଡ୍ରାମାରୁ ଅଭିନୟ ଆରମ୍ଭ କରି ଅଭିମାନ ଚଳଚ୍ଚିତ୍ର ରେ ଅଭିନୟ ପରେ ଜଣେ ଶ୍ରେଷ୍ଠ ଅଭିନେତା ଭାବେ କିପରି ଦୀର୍ଘ ବର୍ଷର ଯାତ୍ରା କରିଥିଲେ ବର୍ଣ୍ଣନା କରୁ କରୁ ଭାବୁକ ହୋଇପଡ଼ିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରଣଜିତ କୁମାର ସାହୁ, ପ୍ରସନ୍ନ କୁମାର ମହାନ୍ତି, ଜଗଦୀଶ ଚନ୍ଦ୍ର ଦାସ, ବ୍ରିଜେନ୍ଦ୍ର କୁମାର ରାଉତ, ସରୋଜ କୁମାର ଶତପଥି, ଗୁହିରାମ ଜେନା, ମହେଶ କୁମାର ସାହୁ, ଧନଞ୍ଜୟ ସାହୁ କୁନ୍ଦନଲାଲ ଭଞ୍ଜଦେଓ, ସୁବ୍ରତ କୁମାର ଦେ, ଜ୍ଞାନରଞ୍ଜନ ପଣ୍ଡା, ରାଜେଶ କୁମାର ଦାଶ, ସୁଧୀର କୁମାର ନାୟକ, ପ୍ରଦୀପ କୁମାର ସରଘରିଆ, ସୋମନାଥ ସିଂହ, ଅସିତ କୁମାର ଗିରି ଉପସ୍ଥିତ ରହି ଓଡ଼ିଆ ସିନେଜଗତର ମହାନାୟକ ହେଲେ ମଧ୍ୟ ଜଣେ ମିଷ୍ଟଭାଷୀ, ପରୋପକାରୀ, ସମୟାନୁବର୍ତ୍ତୀ, କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ତଥା ଜଣେ ନିଆରା ମଣିଷ ଭାବେ କୋଟି ଓଡ଼ିଆଙ୍କ ହୃଦୟରେ ସଦା ସର୍ବଦା ରାଜ କରିବେ ବୋଲି ମତ ପୋଷଣ କରିଥିଲେ।

ବଡଝାଡ ଉନ୍ନତ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

କପ୍ତିପଦା,୩/୩(ନିପ୍ର)- କପ୍ତିପଦା ବ୍ଲକ ଅନ୍ତର୍ଗତ ବଡଝାଡ ଉନ୍ନତ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି । ପ୍ରକୃତିପ୍ରେମୀ ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରତ୍ୟେକ ପଶୁପକ୍ଷୀ ମଣିଷଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ସାହାର୍ଯ୍ୟ କରିଥାଆନ୍ତି । କିନ୍ତୁ ଆଜିର ଦୁନିଆରେ ବହୁ ପଶୁପକ୍ଷୀ ଧ୍ୱଂସାଭିମୁଖୀ ଆଡକୁ ଗତି କରୁଥିବାରୁ ପରିବେଶ ସନ୍ତୁଳନ ବିଗିଡି ଯାଇଛି । ଯାହାର କୁ-ପ୍ରଭାବ ମଣିଷ ଉପରେ ପଡୁଛି ବୋଲି ଛାତ୍ରଛାତ୍ରୀମାନଙ୍କଠାରେ ପ୍ରକାଶ କରିଛନ୍ତି । ତେଣୁ ବନ୍ୟ ଜୀବଜନ୍ତୁମାନଙ୍କୁ ସୁରକ୍ଷିତ ରଖିବାକୁ ଆହ୍ୱାନ ସେ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ସବୁଜ ପରିଡା, ଶିକ୍ଷୟତ୍ରୀ ସରସ୍ୱତୀ ହାଁସଦା, ନମିତା ସେଠୀ, ଶିଖାସ୍ୱରୂପା ଗିରି, ଦେବକୀ ପରିଡା ପ୍ରମୁଖ ଉପସ୍ଥିତ ରହି ବନ୍ୟଜନ୍ତୁ ହିଂସ୍ର ନୁହନ୍ତି ବଂର ମଣିଷ ପାଇଁ ସେମାନେ ହିଂସ୍ର ହୋଇଉଠନ୍ତି ବୋଲି ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ ସହଯୋଗ କରିଥିଲେ ।

ପାଠପଢ଼ାରେ ଡ଼ୋରିବାନ୍ଧିଲେ ବାପଛେଉଣ୍ଡ କନ୍ୟା 'ବାଲେମା'

ଉଦଳା , ୦୩/୩ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ମହୁଲପଙ୍କା ଗ୍ରାମର ଦୃଶ୍ୟ । ଏହିଗ୍ରାମର ବାସିନ୍ଦା ସ୍ୱର୍ଗତଃ ଲାଲମୋହନ ସିଂଙ୍କ ୧୩ ବର୍ଷ ବୟସର କନ୍ୟା 'ବାଲେମା' ଆଜକୁ ଗୋଟିଏ ବର୍ଷ ତଳେ ପାଠ ପଢ଼ାରେ ଡ଼ୋରିବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ପଦ୍ମପୋଖରି ସ୍ଥିତ ରାଧାକୃଷ୍ଣ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ 'ବାଲେମା' ସପ୍ତମ ଶ୍ରେଣି ପର୍ଯ୍ୟନ୍ତ ପଢ଼ିଛନ୍ତି । ପରେ ପିତା ଲାଲମୋହନଙ୍କର ଦେହାନ୍ତ ହୋଇଯିବା ଫଳରେ ପରିବାରର ଆର୍ଥିକ ଅବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଲା । ଏହି କାରଣରୁ ବାଧ ହୋଇ 'ବାଲେମା' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଇଛନ୍ତି । ଏହିଭଳି ବିଭିନ୍ନ କାରଣରୁ ଶହ ଶହ ସଂଖ୍ୟାରେ ଆଦିବାସି ପିଲା ପାଠ ପଢ଼ା ଛାଡ଼ିବାକୁ ବାଧ ହେଉଥିବା ବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାହିଁକି ଚୁପ ମାରି ବସିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ବାଲେମା'ଙ୍କ ପରି ବହୁ ସଂଖ୍ୟାରେ ପିଲା ବର୍ତମାନ ମଧ୍ୟ ବିଦ୍ୟାଳୟ ବାହାରେ ଅଛନ୍ତି । ଏହିବୟସର ପିଲାଙ୍କୁ ପାଠ ପଢ଼ା ସହିତ ବାନ୍ଧିନରଖିବା ଫଳରେ ବାଲ୍ୟ ବିବାହ ଖୁବ୍ ଦ୍ରୁତଗତିରେ ବଢ଼ି ବଢ଼ି ଚାଲିଥିବାର ଖବର ଶୁଣିବାକୁ ମିଳୁଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଇଓଡବ୍ଲୁ ପଞ୍ଜାରେ...

ଅନ୍ୟପକ୍ଷେ ଗିରଫଦାରୀ ଏଡାଇବାକୁ ରାଜା ହାଇକୋର୍ଟରୁ ଆଗୁଆ ଜାମିନ ପାଇଛନ୍ତି ଏବଂ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତକାରୀ ଅଫିସରଙ୍କ ନିକଟରେ ହାଜର ହୋଇଥିବା କହିଛନ୍ତି ରାଜାଙ୍କ ଓକିଲ । କେନ୍ଦୁଝର ବିଜେଡିର ଏ ପାୱାରଫୁଲ୍ ନେତାଙ୍କ ସହ ଥିବା ତତ୍କାଳୀନ ବିଜେଡି ପାୱାରସେଣ୍ଟରର ଟପ୍ ଲିଡରଙ୍କ ଫଟୋଗୁଡ଼ିକୁ ଦେଖିଲେ ରାଜାଙ୍କର ବିଜେଡିରେ ଭଲ ପଡିଆରା ରହିଥିଲା ତାହା ସ୍ପଷ୍ଟ ଅନୁମେୟ । କେତେବେଳେ ବବି ତ କେବେ ପାଣ୍ଡିଆନ୍ । ସବୁବେଳେ କ୍ଷମତାକେନ୍ଦ୍ରର ପାଖେ ପାଖେ ରହୁଥିଲେ ରାଜା । ଏବେ ଆସନ୍ତୁ ଜାଣିବା ଗନ୍ଧମାର୍ଦନ ଲୋଡିଂ ଏଜେନସି ଆଣ୍ଡ ଟ୍ରାନ୍ସପୋର୍ଟ କୋଅପରିଟିଭ୍ ସୋସାଇଟିରେ ହୋଇଥିବା ଘୋଟାଳା ସଂପର୍କରେ । ଇଓଡବ୍ଲୁ ତଦନ୍ତ କହୁଛି ୨୦୦୬ ରେ ଗଠିତ ଏହି ସୋସାଇଟି କେନ୍ଦୁଝର ଶୁଆକାଟିରେ ଖଣିଜ ପଦାର୍ଥ ଲୋଡ଼ିଂ କାମ କରିଆସୁଛି । ଏହି ସମବାୟ ସମିତି ଗଠନ କରିବାର ଏକମାତ୍ର ଉଦ୍ଦେଶ୍ୟ ଥିଲା ଲୁହାପଥର ଖଣି ଉତ୍ତୋଳନରେ ସ୍ଥାନୀୟ ଶ୍ରମିକ ନିଯୁକ୍ତି ସହ ଆଇରନ୍ ଓର୍ ପରିବହନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା । ଲୋକଙ୍କ ଆର୍ଥିକ ସ୍ଥିତି ସୁଦୃଢ କରିବା । ହେଲେ କାମହେଲା ଓଲଟା । ଅଭିଯୋଗ ହେଉଛି ବିଜେଡିର ତତ୍କାଳୀନ ପାୱାର ସେଣ୍ଟରର ହାତ ବାରିସୀ ସାଜିଥିବା ରାଜାଙ୍କ ଜରିଆରେ ଏଇଠୁ ଲୁଟ୍ ହେଉଥିଲା କୋଟି କୋଟି ଟଙ୍କା । ଶ୍ରମିକଙ୍କ ଟଙ୍କା ଆସୁଥିଲା ବିଜେଡି ପାର୍ଟି ଅଫିସକୁ ଏବଂ ବାହୁବଳୀ ନେତାଙ୍କ ଆକାଉଣ୍ଟକୁ । ଜାଲ କାଗଜପତ୍ର ପ୍ରସ୍ତୁତ କରି ଶ୍ରମିକଙ୍କ ଅର୍ଥ ବାଟମାରଣାଠୁ ନେଇ ଇପିଏଫ୍ ଟଙ୍କା ଖାଇଯିବା ଭଳି ସଂଗୀନ ଅଭିଯୋଗ ବି ପୂର୍ବ ସରକାର ସମୟରେ ଉଠିଥିଲା । ହେଲେ ତାହାକୁ ଚାପି ଦିଆଯାଇଥିବାର ଅଭିଯୋଗ କରିଛନ୍ତି କେନ୍ଦୁଝର ସ୍ଥାନୀୟ ବିଜେପି ନେତା । କେବଳ ସେତିକି ନୁହେଁ, ଇଓଡବ୍ଲୁର ପ୍ରେସରିଲିଜ୍

ମଙ୍ଗଳବାର, ମାର୍ଚ୍ଚ ୦୪, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଦୁଇ ପ୍ରାଥମିକ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ବଡସାହି , ୦୩/୩ (ନି.ପ୍ର): ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ସଂଲଗ୍ନସ୍ଥ ଡାହିସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ଜଣ ଅବସର ଗ୍ରହଣକାରୀ ଶିକ୍ଷକ, ଶିକ୍ଷିକା।ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି । ସେମାନେ ହେଲେ ଶାଳଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବଚରଣ ମଣ୍ଡଳ ଓ ବନ୍ଧସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଧାରାଣୀ ଜେନା। ଏମାନେ ଫେବୃଆରୀ ମାସର ଅନ୍ତିମ ଦିନରେ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ସଭାରେ ମୁଖ୍ୟ ଅତିଥି ଥିବା ଏବିଇଓ ରାଧୁଆ ଚରଣ ମୁଣ୍ଡାଙ୍କ ଉପସ୍ଥିତିରେ ପୁଷ୍ପଗୁଚ୍ଛ, ଉପଢୌକନ ସହ ପେନସନ କାଗଜପତ୍ର ମଧ୍ୟ ହସ୍ତାନ୍ତର କରାଯାଇଥିଲା । ପ୍ରାଥମିକ ଶିକ୍ଷକ ସଂଘ, ବଡ଼ସାହି ବ୍ଲକ୍ ଦ୍ୱାରା ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ସଭା ପତିତ୍ୱ କରିଥିଲେ, ବ୍ଲକ୍ ସଭାପତି ରତିକାନ୍ତ ବେହେରା ଓ ସଂପାଦକ ସଞ୍ଜୟ କୁମାର ଜେନା ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ । ବିଦାୟୀ ଶିକ୍ଷକ/ଶିକ୍ଷୟିତ୍ରୀ ଙ୍କ ଚାକିରୀ ଓ ବ୍ୟକ୍ତିଗତ ଜୀବନ ସମ୍ବନ୍ଧରେ ଅବସରପ୍ରାପ୍ତ ତଥା ଜିଲ୍ଲାସ୍ତରୀୟ ନେତା ଶିବପ୍ରସାଦ ମହାପାତ୍ର, ରାଜେନ୍ଦ୍ର କୁମାର ଜେନା ଓ ଶିକ୍ଷାବିତ୍ ତଥା ପୁରସ୍କୃତ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ବ୍ୟକ୍ତବ୍ୟ ରଖିଥିଲେ । ନିଜର ବୃତ୍ତିଗତ ସମସ୍ୟା, ତାର ସମାଧାନ ଏବଂ ଶିକ୍ଷକ ସଂଘର ଭୂମିକାର ଭୂୟସୀ ପ୍ରଶଂସା ଉଭୟ ଅବସରପ୍ରାପ୍ତ ଶିକ୍ଷକ ଦ୍ୱୟ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରୀକୃଷ୍ଣ ମହାନ୍ତ, ପ୍ରାକ୍ତନ ବ୍ଲକ ସଂପାଦକ କାର୍ତ୍ତିକଚନ୍ଦ୍ର ଜେନା, ପ୍ରାକ୍ତନ ବ୍ଲକ ସଭାପତି ଧ୍ରୁବେନ୍ଦ୍ର କୁମାର ଜେନା, ସଂଯୁକ୍ତା ରାଉତ,ପ୍ରଫୁଲ ଘୋଷ ଆଦି ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୋହନ ସୁନ୍ଦର ମହାନ୍ତ, ଗୌର ସିଂ, ରାମଚନ୍ଦ୍ର ରାଉତ, ରଜତ କୁମାରପାଣି ପ୍ରମୁଖ୍ୟ ଉପସ୍ଥିତ ଥିଲେ । ଶେଷରେ ପୂର୍ବତନ ବ୍ଲକ୍ ସମ୍ପାଦକ କୁଳମଣି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ଗୋପବନ୍ଧୁ ଇଣ୍ଟିଗ୍ରେଟେଡ ସ୍କୁଲରେ ବିଜ୍ଞାନ ଦିବସ

ବାଲେଶ୍ୱର , ୦୩/୩ (ନି.ପ୍ର): ସ୍ଥାନୀୟ ଅରଡବଜାର ଅଞ୍ଚଳରେ ଥିବା ଗୋପବନ୍ଧୁ ଇଣ୍ଟିଗ୍ରେଟେଡ ସ୍କୁଲ ପରିସରରେ ଜାତୀୟ ବିଜ୍ଞାନ ଦିବସ ଓ ବିଜ୍ଞାନ ପ୍ରଦର୍ଶନୀ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା କନିକା ପାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ସମାଜ' ବାଲେଶ୍ୱର ସଂସ୍କରଣର ବ୍ୟୁରୋ ମୁଖ୍ୟ ଶଶିରଞ୍ଜନ ମଲ୍ଲିକ, କଲେଜ ଅଫ୍ ବେସିକ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଅଧକ୍ଷ ପ୍ରଫେସର ସୋମେନ୍ଦ୍ରକୁମାର ପାଲ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ନୋବେଲ ବିଜେତା ବୈଜ୍ଞାନିକ ସାର ସିଭି ରମଣଙ୍କ 'ରମଣ ପ୍ରଭାବ' ଉଦଭାବନ ସମ୍ପର୍କରେ କହିଥିଲେ। ଆମ ଦୈନନ୍ଦିନ ଜୀବନରେ ବିଜ୍ଞାନର ଗୁରୁତ୍ୱ ବିଷୟରେ ଅତିଥିଗଣ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଅବସରରେ ଅଧକ୍ଷା ଶ୍ରୀମତୀ ପାଲ ଓ ଶିକ୍ଷୟିତ୍ରୀ ଜ୍ୟୋତି ଜେନାଙ୍କ ତତ୍ତ୍ୱାବଧାନରେ ଏକ ବିଜ୍ଞାନ ପ୍ରଦର୍ଶନୀ ହୋଇଥିଲା। ଏଥିରେ ମୃଣ୍ମୟ ରାୟ ପ୍ରଥମ, ଶିବଶଙ୍କର ପରିଡ଼ା ଦ୍ୱିତୀୟ ଓ ଶେଖ୍ ଇସମାଇଲ ତୃତୀୟ ସ୍ଥାନ ଅଧିକାର କରି ମାନପତ୍ର ଓ କପ୍ ହାସଲ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତି ଜେନା, ସୁଜାତା ଗିରି, ତନ୍ଦ୍ରା ସାହା, ଦେବକୀ ହାତୀ, ପ୍ରଗତି ବେହେରା, ଶକୁନ୍ତଳା ପ୍ରଧାନ, ମିନତୀ ରାୟ, ଦେବକୀ ଷଣ୍ଢ, ସ୍ନେହଲତା ମହାନ୍ତି, ଭାରତୀ ପାତ୍ର ପ୍ରମୁଖ ସହାୟତା କରିଥିଲେ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ବାଲେଶ୍ୱର ଗସ୍ତ

ବାଲେଶ୍ୱର, ୦୩/୩ (ନି.ପ୍ର): ଗାନ୍ଧୀ ସ୍ମୃତି ଭବନ ସମ୍ମୀଳନୀ କକ୍ଷରେ ଆୟୋଜିତ ଏକ ବୁଦ୍ଧିଜୀବୀ ସମ୍ମୀଳନୀରେ ଯୋଗଦାନ କରିବା ପାଇଁ ଆଗାମୀ କାଲି ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ବାଲେଶ୍ୱର ଗସ୍ତରେ ଆସୁଛନ୍ତି। କେନ୍ଦ୍ର ଓ ରାଜ୍ୟର ବଜେଟରେ ଥିବା ଜନ କଲ୍ୟାଣକାରୀ ଯୋଜନା, ସମାଜର ସମସ୍ତ ବର୍ଗର ଲୋକଙ୍କ ପାଇଁ ଲାଭଦାୟକ ଦିଗ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ନାଗରିକ ସୁରକ୍ଷା, ନାରୀ ସଶକ୍ତିକରଣ, ଶିଶୁ ବିକାଶ, ସମୃଦ୍ଧ ଗ୍ରାମ ବିକାଶ, ମତ୍ସ୍ୟ ଓ ପଶୁପାଳନ, ସମବାୟ, ସହରୀକରଣ, ପର୍ଯ୍ୟଟନ, ସମିବେଶୀ ବିକାଶ, ସାମାଜିକ ନିରାପତ୍ତା, ଅନୁସୂଚିତ ଜାତି ଜନଜାତି ଓ ପଛୁଆ ବର୍ଗର ବିକାଶ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଖାଦ୍ୟ ସୁରକ୍ଷା, କ୍ରୀଡ଼ା, ଓଡ଼ିଆ ଅସ୍ମିତା ଇତ୍ୟାଦି ଇତ୍ୟାଦିର ଗୁଣାତ୍ମକ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ଉକ୍ତ ବୁଦ୍ଧିଜୀବୀ ସମ୍ମୀଳନୀରେ ୫୦୦ ରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବୀ ଯୋଗଦାନ କରିବେ ବୋଲି ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି। ସମ୍ମୀଳନୀ ଅପରାହ୍ନ ଚାରିଟା ସମୟରେ ଆରମ୍ଭ ହେବ , ଏହି ସମ୍ମିଳନୀରେ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କ ସହିତ ଉଭୟ ସାଂଗଠନିକ ଜିଲ୍ଲା ବାଲେଶ୍ୱର ଓ ଉତ୍ତର ବାଲେଶ୍ୱରର ଜିଲ୍ଲା ସଭାପତି, ସମସ୍ତ ବିଧାୟକ ଓ ବିଧାୟକ ପ୍ରାର୍ଥୀ ଅଂଶଗ୍ରହଣ କରିବେ। ସର୍ବସାଧାରଣଙ୍କୁ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅନୁରୋଧ ରଖିଛନ୍ତି।

ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ସିମୁଳିଆ,୩/୩(ନିପ୍ର): ସିମୁଳିଆ ବ୍ଲକ ବାଲିଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଦେବେନ୍ଦ୍ର ନାଥ ମିଶ୍ର ଯୋଗ ଦେଇ ଶିକ୍ଷା ସହିତ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ର ଆବଶ୍ୟକତା ଅଛି ବୋଲି ମତବକ୍ତବ୍ୟ କରିଥିଲେ । ଏଥିରେ ପ୍ରଶିକ୍ଷିକା ଦୀପାନିତା ଦଳେଇ ପ୍ରଶିକ୍ଷଣ ଦେବା ସହିତ ୨୦୮ ଜଣ ଛାତ୍ରୀଙ୍କୁ ନେଇ ୮ଟି ଗ୍ରୁପ କରାଯାଇଥିଲା । ଏହି କର୍ଯ୍ୟକ୍ରମ ୧୬ ଦିନ ଧରି ଚାଲି ଫେବୃଆରୀ ୭ ତାରିଖରେ ଶେଷ ହେବ ବୋଲି ଅଧ୍ୟକ୍ଷ ଶ୍ରୀଯୁକ୍ତ ମିଶ୍ର ପ୍ରକାଶ କରିଥିଲେ ।

ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ବିଶାଳ ଗଣଧାରଣା

ନୀଳଗିରି , ୦୩/୩ (ନି.ପ୍ର): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥା ଏବଂ ଏହାର ନିରାକରଣ ନିମନ୍ତେ ନୀଳଗିରି ଯୁବସମାଜ ତରଫରୁ ସୋମବାର ଦିବା ୧୦ ଟା ଠାରୁ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ ଗଣଧାରଣା ଚାଲୁରହିଛି। ନୀଳଗିରି ଯୁବସମାଜର ଏକ ପ୍ରତିନିଧିମଣ୍ଡଳ ଗତ ୨୪ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବ, ସ୍ୱାସ୍ଥ୍ୟ ସଚିବଙ୍କୁ ମେଲ୍ ଯୋଗେ ଦାବୀପତ୍ର ପ୍ରଦାନ କରାଯାଇଛି। ଏଥିସହ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟଅଧିକାରୀଙ୍କ ସମେତ ସ୍ଥାନୀୟ ଉପଜିଲ୍ଲାପାଳ, ଉପଖଣ୍ଡ ଚିକିତ୍ସାଧିକାରୀ, ଏସଡିପିଓ ଓ ଆଇଆଇସିଙ୍କ ଠାରେ ୯ଦଫା ପ୍ରମୁଖ ସମ୍ବଳିତ ଦାବୀପତ୍ରରେ ଉପଖଣ୍ଡ ଚିକିତ୍ସାଳୟରେ ୪୯ଟି ଡ଼ାକ୍ତରୀ ପଦବୀ ରହିଥିବା ବେଳେ ୧୬ଜଣ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ଅଧିକାଂଶ ଡାକ୍ତର ସ୍ଥାୟୀ ନୁହଁନ୍ତି। ପରନ୍ତୁ ଅଧିକାଂଶ ଡାକ୍ତର ହସ୍ପିଟାଲରେ ନରହି ବାହାରେ ରହୁଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ହସ୍ପିଟାଲରେ ୩ଟି ନର୍ସିଂ ସିଷ୍ଟର ପଦବୀ ଥିଲା ବେଳେ ତିନୋଟି ପୋଷ୍ଟ ଫାଙ୍କା ରହିଛି। ୯ଜଣ ନର୍ସ ରହିବା ଜାଗାରେ ୪ଜଣ ନର୍ସ ରହିଥିବା ଜଣାଯାଇଛି। ନାସା, ଗଳା, କର୍ଣ୍ଣ ଏବଂଯକ୍ଷ୍ମା ଡାକ୍ତର ପଦବୀ ଖାଲିରହିଛି। ଆଇସିୟୁ , ବ୍ଲଡବ୍ୟାଙ୍କ, ଅଲଟ୍ରାସାଉଣ୍ଡ ପାଇଁ ଷ୍ଟାଫ ନାହାନ୍ତି। ଯଦି ଆଗାମୀ ୩ତାରିଖ ମଧ୍ୟରେ ସମସ୍ତ ଅବ୍ୟବସ୍ଥା ପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନନିଆଯାଏ ତାହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବବୋଲି ୧୦୦ରୁ ଉର୍ଦ୍ଧ୍ୱ ଯୁବସମାଜସେବୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରରେ ପ୍ରଦାନ କରାଯାଇଥିଲା। ଏହି ଧାରଣାରେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ଯୁବ ସମାଜସେବୀ ସୁଧାରଞ୍ଜନ ମହାପାତ୍ର, ଅଶ୍ୱିନୀ କୁମାର ପାତ୍ର, ଅର୍ଧେନ୍ଦୁ ସିଂ, ପ୍ରିୟବ୍ରତ ମହାପାତ୍ର, ସୃଷ୍ଟିଧର ବାରିକ, ଫିଲୋସ୍ ସିଂ, ପ୍ରିୟରଞ୍ଜନ ସ ପ୍ରମୁଖ ଶହେରୁ ଉର୍ଦ୍ଧ୍ୱ ଯୁବସମାଜସେବୀ ଧାରଣାରେ ସାମିଲ ରହି ସମସ୍ୟାର ସମାଧାନ ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ଦାବୀ କରିଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧି ସହକାରୀ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ସଞ୍ଜୀବ ଚୌଧୁରୀ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ,ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ସରୋଜିନୀ ପ୍ରଧାନ, ଡାକ୍ତର ସାହୁ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତିହୋଇ ତୁରନ୍ତ ସମସ୍ତ ସମସ୍ୟାର ସମାଧାନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଲିଖିତ ପ୍ରତିଶ୍ରୁତି ନମିଳିବା ପର୍ଯ୍ୟନ୍ତ ଧାରଣା ପ୍ରତ୍ୟାହୃତ ହେବନାହିଁ ବୋଲି ଯୁବସମାଜ ସ୍ପଷ୍ଟୋକ୍ତି ଦେଇଥିଲେ।ତେବେ ରାତ୍ରି ପ୍ରାୟ ୮ଟା ସମୟରେ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀଙ୍କ ପ୍ରତିନିଧି ଧାରଣାସ୍ଥଳରେ ପହଞ୍ଚି ଏକ ଲିଖିତପ୍ରତିଶ୍ରୁତି ଦେଲାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି।

ଅଜଣା ଗାଡି ଧକ୍କାରେ ବୃଦ୍ଧଙ୍କ ଶୋଚନୀୟ ମୃତ୍ୟୁ

ବେତନଟୀ , ୦୩/୩ (ନି.ପ୍ର): ବେତନଟୀ ଥାନା ଅଧୀନ ୧୮ନମ୍ବର ଜାତୀୟରାଜପଥ ଛୁରୁଣୀଛକ ପେଟ୍ରଲପମ୍ପ ନିକଟରେ ଏକ ଅଜଣା ଗାଡି ଧକ୍କାରେ ବୃଦ୍ଧଙ୍କ ଶୋଚନୀୟ ମୃତ୍ୟୁ । ମୃତ ବୃଦ୍ଧ ଜଣକ ହେଉଛନ୍ତି ବେତନଟୀ ସ୍ଥିତ ସଠିଲୋ ପଞ୍ଚାୟତ ଅଧୀନ ପୁରୁଣାପାଣି ଗ୍ରାମର ଧନୁ ସୋରେନ (୭୦) । ପରିବାରବର୍ଗଙ୍କ ସୂଚନା ମୁତାବକ ଧନୁଙ୍କର ମାନସିକ ସ୍ଥିତି ସ୍ୱାଭାବିକ ନଥିବା ବେଳେ ସେ ଅନେକ ସମୟରେ ଘରେ କାହାକୁ କିଛି ନଜଣାଇ ଏଣେତେଣେ ପଳାଇ ଯାଇଥାନ୍ତି । ତେବେ ଆଜି ୧୮ନମ୍ବର ଜାତୀୟରାଜପଥରେ ଚାଲି ଚାଲି ଯାଉଥିବା ବେଳେ ଏକ ଅଜଣାଗାଡି ତାଙ୍କୁ ଛୁରୁଣୀଛକ ପେଟ୍ରୋଲପମ୍ପ ଠାରେ ଧକ୍କା ଦେଇ ଚମ୍ପଟ ମାରିଥିଲା। ଏନେଇ ବେତନଟୀ ପୁଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁକରି ମୃତଦେହ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି ।

ନେସ୍କୋ ଶକ୍ତି କର୍ମଚାରୀ ସଙ୍ଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ସାଧାରଣ ସଭା

ଜଳେଶ୍ୱର, ୦୩/୩ (ନି.ପ୍ର): ନିଖିଳ ଓଡିଶା ବିଦ୍ୟୁତ ମଜଦୂର ମହାସଂଘ ଏବଂ ଭାରତୀୟ ମଜଦୂର ସଙ୍ଘ ଆନୁକୂଲ୍ୟରେ ନେସ୍କୋ ଶକ୍ତି କର୍ମଚାରୀ ସଙ୍ଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଜଳେଶ୍ୱର ଏନ୍ ଏଚ ୬୦ ନନ୍ଦିକା ସ୍ଥିତ ମଞ୍ଜୁ କଲ୍ୟାଣ ମଣ୍ଡପ ପରିସରରେ ଡିଭିଜନାଲ ସେକ୍ରେଟାରୀ ପ୍ରଦିପ କୁମାର ଜେନାଙ୍କ ଆହ୍ୱାନରେ ଶକ୍ତି କର୍ମଚାରୀ ସଙ୍ଘର ଉପଦେଷ୍ଟା ଜଗନ୍ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।ଏହି ସଭାରେ ସଙ୍ଘର ବିଭିନ୍ନ ଦାବୀ ଗୋଡ଼ିକ ସମ୍ବନ୍ଧରେ ଆଲୋଚନା କରାଯିବା ସହିତ ଆଗାମୀ ଦିନ ମାନଙ୍କ ପାଇଁ ସଙ୍ଘ ତରଫରୁ ରଣନୀତି ପ୍ରସ୍ତୁତ କରାଯାଇ ଥିଲା। ସରକାରୀ ଦଳର ମୁଖ୍ୟ ସଚେତକ ତଥା ସଂଘର ଉପଦେଷ୍ଟା ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଙ୍ଘର ଦାବି ଗୋଡ଼ିକ ଯଥାର୍ଥ ଏବଂ ସରକାରଂକ ତରଫରୁ କିଭଳି ଭାବରେ ସମାଧାନ କରାଯାଇ ପାରିବ ତା ପ୍ରତି ଧ୍ୟାନ ଦେବେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ପ୍ରାକ୍ତନ ଉପାଧ୍ୟକ୍ଷା ବ୍ରଜମୋହନ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନେସ୍କୋ ଶକ୍ତି କର୍ମଚାରୀ ସଙ୍ଘର ଯେତେ ସବୁ ଦାବୀ ଅଛି କିଭଳି ଭାବେ ସମାଧାନ ହୋଇ ପାରିବ ସେ ପ୍ରତି ଚେଷ୍ଟାବାନ ହେବେ ବୋଲି ବକ୍ତବ୍ୟ ରଖିଥିଲେ।ନିଖିଳ ଓଡିଶା ବିଦ୍ୟୁତ ମଜଦୂର ମହାସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସଂଘର ଦାବୀ ଗୋଡ଼ିକର ଆଶୁ ସମାଧାନ ନିମନ୍ତେ ଟି ପି ଏନ୍ ଓ ଡି ଏଲ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ଆଲେଚନା କରାଯାଇ ପରବର୍ତ୍ତୀ କାର୍ଯ୍ୟ ପନ୍ଥା ସ୍ଥିର କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ମହାପାତ୍ର, ଉମାକାନ୍ତ ପଢ଼ିହାରି, ସଙ୍ଘର ସଭାପତି କାନ୍ଦରା ସୋରେନ, ପ୍ରଭୁଦତ୍ତ ମିଶ୍ର, କପିଳେଶ୍ୱର ବେହେରା,ଶୁଭେନ୍ଦୁ ସୂର୍ଯ୍ୟ ନାରାୟଣ ବେହେରା,ଶିବ ନାରାୟଣ ଗିରି, ପ୍ରଣବ ମହାପାତ୍ର, ଅଜୟ ପଢ଼ିହାରୀ, କମଳ ଲୋଚନ ସାହୁ, ବଳଭଦ୍ର ଗିରି, ନିଗମା ନନ୍ଦ ଗିରି, ସୁକାନ୍ତ ପାଢ଼ୀ, କାହ୍ନୁ ପ୍ରଧାନ, ସୁଶାନ୍ତ ପ୍ରଧାନ, ସଂଯୋକ୍ତା ରାଣୀ ହୋତା, ଚନ୍ଦନ ଭୂୟାଁ, ସୁକୁମାର ଦେ,ଚନ୍ଦନ ବେହେରା, ଚିତ୍ତ ସାମଲ, ରାଜକିଶୋର ରାଉତ, ଉମେଶ ସିଂ,ରାଜିବ ପାତ୍ର,ଦିନେଶ ମାହାନ୍ତି,ସୁଜିତ ପ୍ରଧାନ, ପ୍ରହଲ୍ଲାଦ ଦାସ,ମାନସ ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଅସ୍ଥାୟୀ ଠିକା କର୍ମଚାରୀ ଙ୍କୁ ସ୍ଥାୟୀ କରିବା,ଠିକ ସମୟରେ ଦରମା ପୈଠ କରିବା,ଅଣ କୁଶଳୀରୁ କୁଶଳୀ କରିବା,ଆଠ ଘଣ୍ଟାରୁ ଅଧିକ ସମୟ କାମ କରାଯାଉଛି କିନ୍ତୁ ତାର ଉପଯୁକ୍ତ ପ୍ରାପ୍ୟ ମିଳୁ ନାହିଁ,ବାତ୍ୟା ସମୟରେ ଅଧିକ ସମୟ କାମ କରି ଥିବାର ଅର୍ଥ ରାଶି ଆଜି ସୁଦ୍ଧା ମିଳିପାରି ନାହିଁ ପ୍ରମୁଖ ସଙ୍ଘର ଦାବୀ ଗୋଡ଼ିକ ତୁରନ୍ତ ଟି ପି ଏନ୍ ଓ ଡି ଏଲ କର୍ତ୍ତୃପକ୍ଷ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ଚେତାବନୀ ଦେଇଥିଲେ। ଯଦି ସଙ୍ଘର ଦାବୀ ଗୋଡ଼ିକ କର୍ତ୍ତୃପକ୍ଷ ଅଣଦେଖା କରନ୍ତି ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକର ମତ ପ୍ରକାଶ ପାଇଥିଲା।

ଟି.ପି.ଏନ୍.ଓ.ଡି.ଏଲ. ତରଫରୁ ଫେମ୍ ଫିଏସ୍ଟା କାର୍ଯ୍ୟକ୍ରମ ଅନୁଷ୍ଠିତ

ଭଦ୍ରକ, ୦୩/୩ (ନି.ପ୍ର): ପ୍ରଥମ ଫେମ୍ ଫିଏସ୍ଟା କାର୍ଯ୍ୟକ୍ରମର ସଫଳତା ପରେ, ଏହି ବର୍ଷ ମଧ୍ୟ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଟି.ପି.ଏନ୍.ଓ.ଡି.ଏଲ. ଭଦ୍ରକ ସର୍କଲ୍ ଦ୍ୱାରା "ଫେମ୍ ଫିଏସ୍ଟା ୨.୦" ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୨ ମାର୍ଚ୍ଚ ୨୦୨୫ ରେ ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକ ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୧୫୦ରୁ ଅଧିକ କାର୍ଯ୍ୟରତ ମହିଳାମାନେ ଅଂଶଗ୍ରହଣ କରିଥିଲେ। ବିବିଧତା, ଅନ୍ତର୍ଭୁକ୍ତିକରଣ ଏବଂ ଗ୍ରାହକ ସନ୍ତୁଷ୍ଟି ପ୍ରତି ଟି.ପି.ଏନ୍.ଓ.ଡି.ଏଲ. ର ଅଂଗୀକାର ସମ୍ପୃକ୍ତ "ଫେମ୍ ଫିଏସ୍ଟା ୨.୦" ଆକ୍ସିଲେରେଟ୍ ଆକସନ୍ ଥିମ୍ ଉପରେ ଆଧାରିତ ଥିଲା। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ନୂତନତ୍ୱ ଏବଂ ପ୍ରାୟୋଗିକତାକୁ ଆଗେଇ ନେଇ ଏକ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା, ଯେଉଁଥିର